## ସଂକ୍ଷେପରେ

### ରାଜା ଉଦୟ ନାରାୟଣଙ୍କ ପରଲୋକ



**ବାସୁଦେବପୁର, ୬ା୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ରାଜା ଉଦୟ ନାରାୟଣ ଚୌଧୁରୀଙ୍କ ସୋମବାର ପୂର୍ବାହ୍ନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାସୁଦେବପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶତାଧିକ ଗ୍ରାମବାସୀ ଓ ପ୍ରଶଂସକ ରାଜା ଉଦୟ ନାରାୟଣଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗାଁ ଓ ସହର ପରିକ୍ରମା କରିଥିଲେ। ସ୍ୱର୍ଗତ ଚୌଧୁରୀ ଭେଡ଼ା ଓ ଆଙ୍କୁଡ଼ା ପ୍ରଗଣାର ରାଜା ଥିଲେ। ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ମଧ ସେ ପରିଚିତ ଥିଲେ।

### ଚାର୍ଜ ହେଉନି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପଭୋକ୍ତା ହନ୍ତସନ୍ତ

**ବନ୍ତ, ୬ା୧(ଡି.ଏନ.ଏ.):** ସ୍ଥାନୀୟ ବସନ୍ତିଆ ପଞ୍ଚାୟତ ବରକୋଣା ସ୍ୱାଇଁସାହିରେ ଦେଢ଼ବର୍ଷ ହେବ ସୌଭାଗ୍ୟ ଯୋଜନାରେ ଟ୍ରାନ୍ସଫର୍ମର ବସାଯାଇଥିଲେ ମଧ ତାହା ଅଦ୍ୟାବଧି ଚାର୍ଜ କରାଯାଉ ନାହିଁ। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବେ ନଷ୍ଟ ହେବାକୁ ବସିଛି। ଉଲ୍ଲେଖନୀୟ ଯେ, ବରକୋଣା ସ୍ୱାଇଁସାହିର ଲୋକେ ଆପଣ୍ଡାସ୍ଥିତ ୧୦୦ କେଭି ଟ୍ରାନ୍ସଫର୍ମରରୁ ବିଜୁଳି ବ୍ୟବହାର କରୁଥିବାବେଳେ ଲୋ ଭୋଲଟେଜ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦେଢ଼ବର୍ଷ ତଳେ ଏହି ସମସ୍ୟା ଦୂର ପାଇଁ ୩୫ ଉପଭୋକ୍ତାଙ୍କ ସକାଶେ ୬୩ କେଭି ଟ୍ରାନ୍ସଫର୍ମର ବସାଯିବାର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାର୍ଯ୍ୟ



ଶେଷ ହୋଇଥିବାବେଳେ କେବଳ ଚାର୍ଜ କରିବା ବାକି ରହିଛି। ଉପଭୋକ୍ତାମାନେ ଲୋଭୋଲ୍ଟେଜ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ଟ୍ରାନ୍ସଫର୍ମର ଚାର୍ଜ କରିବା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କହୁଥିଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବନ୍ତ ନେସ୍କୋ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ବର୍ଷା ପରେ ବଢ଼ିଲା ଦୁର୍ଦ୍ଦଶା

**ବନ୍ତ,୬ା୧(ସ୍ୱ.ପ୍ର.)**



- ଚାଷଜମିରେ ପାଣି ଜମିଛି
- ଓଦା ଧାନକୁ ଶୁଖାଇବାରେ ଲାଗିଛନ୍ତି ଚାଷୀ
- ବିକ୍ରି କ୍ଷେତ୍ରରେ ସମସ୍ୟା ହେବା ଆଶଙ୍କା

ଚଳିତବର୍ଷ ପ୍ରଥମେ ଫନୀ, ପରେ ବୁଲବୁଲ ଆଉ ଏବେ ଦାଉ ସାଧିଲା ବର୍ଷା। ଗତ ନଭେମ୍ବରରେ ବୁଲବୁଲ୍ ବାତ୍ୟାରେ ଧାନ ଫସଲ ନଷ୍ଟ ହୋଇଥିଲା। ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ମିଳି ନ ଥିବାବେଳେ ଏବେ ଅଦିନିଆ ବର୍ଷା ମାଡ଼। ବର୍ତ୍ତମାନ ସୁଦ୍ଧା ବନ୍ତ ବ୍ଲକର ଅର୍ଦ୍ଧାଧିକ ଚାଷଜମିରେ ଧାନ ଅମଳ ହୋଇପାରି ନାହିଁ। କେତେକ ସ୍ଥାନରେ ଚାଷୀମାନେ ଧାନ କାଟି କ୍ଷେତରେ ପକାଇଥିବାବେଳେ ଆଉ କେତେକ ଚାଷଜମିରୁ କଟା ଧାନ ଆଣି ଖଳାରେ ରଖିଛନ୍ତି। ଅମଳ ସମୟରେ ହୋଇଥିବା ବର୍ଷାରେ ଜମି ଓ ଖଳାରେ ଥିବା ଧାନ ଭିଜି ନଷ୍ଟ ହୋଇଯାଇଛି। ବର୍ଷା ସିନା ଛାଡ଼ିଗଲା କିନ୍ତୁ ଏବେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। କଟା ଧାନ ଥିବା ଜମିରେ ବର୍ଷା ପାଣି ଜମି ରହିଛି। ଚାଷୀମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନ ଫସଲକୁ ସୁରକ୍ଷିତ ରଖିବା ପାଇଁ ଦିନରାତି ଲାଗିପଡ଼ିଛନ୍ତି। ବର୍ଷାରେ ଭିଜି ଯାଇଥିବା ଧାନ ଗଜା ହୋଇଯିବା ଆଶଙ୍କାରେ ସେମାନେ ଜମିରୁ ଆଣି ଖରାରେ ଶୁଖାଉଛନ୍ତି।

ସ୍ଥାନୀୟ କେତେଜଣ ଚାଷୀ କହିଛନ୍ତି ଯେ, ଧାନ ପାଚିବା ସମୟରେ ବାତ୍ୟା ବୁଲ୍‌ବୁଲ୍ ଯୋଗୁ ପାଣିରେ ଧାନକେଣ୍ଡା ପଡ଼ି ଅଧିକାଂଶ ଜମିରେ ଫସଲ ନଷ୍ଟ ହୋଇଥିଲା। ଅମଳ ସମୟରେ ଗତ ଡିସେମ୍ବର ୨୬ରେ ବର୍ଷା ହେବା ପରେ କିଛି ପରିମାଣରେ ଫସଲ ସୁରକ୍ଷିତ କରିଥିବାବେଳେ ପୁଣି ଗତ ୩ ତରିଖରେ ବର୍ଷା ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ଜମିରେ କଟା ହୋଇପଡ଼ିଥିବା ଧାନ କଳେଇ ଓ ଖଳାରେ ଥିବା ଧାନ ଏବେ ଗଜା ହେବାର ବହୁ ଆଶଙ୍କା ରହିଥିବାବେଳେ ମଣ୍ଡିରେ ବିକ୍ରି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ। ମାଟି ଓଦା ହେବାରୁ କଟା ହେବାକୁ ଥିବା ଜମିରେ ହାରଭେଷ୍ଟର ମେଶିନ ପଶିପାରୁ ନ ଥିବା କାରଣରୁ ଧାନ ଅମଳ ଆହୁରି ବିଳମ୍ବ ହେବ। ବହୁ ପରିଶ୍ରମରେ ଉପାର୍ଜିତ ଫସଲ ଅମଳରେ ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦାଉ ସାଧୁଥିବାରୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି।



ଜିଲାପାଳଙ୍କ ଅଫିସ୍ ସାମ୍ନାରେ ପ୍ରତିବାଦ ସଭା।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସଙ୍ଗଠନର ଧାରଣା

**ଭଦ୍ରକ ଅଫିସ, ୬ା୧**

ନବନିର୍ମାଣ କୃଷକ ସଙ୍ଗଠନର ଭଦ୍ରକ ଜିଲା ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାର କାଳିଆ ଯୋଜନାରେ କାଣ୍ଟଛାଣ୍ଟ କରିବା ପ୍ରତିବାଦରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଗତ ଡିସେମ୍ବର ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କରିଥିବା ଅନଶନକୁ ସମର୍ଥନ ଜଣାଇ ଜିଲା ସଙ୍ଗଠନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା। ସରକାର ତୁରନ୍ତ ତାଙ୍କ ନିଷ୍ପତ୍ତିରୁ ଓହରି ଯାଆନ୍ତୁ ଅନ୍ୟଥା ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଥିଲା। ପଞ୍ଚାୟତ ସ୍ତରରେ ଗଠନ ହୋଇଥିବା ପାଣି ପଞ୍ଚାୟତଗୁଡ଼ିକ ରାଜନୈତିକ ଦଳ ଦ୍ୱାରା ପରିଚାଳିତ ହୋଇ ଦୁର୍ନୀତିଗ୍ରସ୍ତ ହୋଇଗଲାଣି। ଡ୍ରେନେଜ୍ କାମ ଆଦୌ ନ କରି ବିଲ୍ ଉଠାଇ ନିଆଯାଉଛି। ଧାନ ବିକ୍ରି ସମୟରେ ଟୋକନ ବ୍ୟବସ୍ଥାର ବ୍ୟବହାରିକ ତଥା ଆଞ୍ଚଳିକ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ପାଇଁ ବ୍ୟବସ୍ଥା କରାଯାଉ ବୋଲି ଦାବି ହୋଇଛି। ଚାଷୀମାନେ ବୀମା କରିଥିଲେ ମଧ କୌଣସି କ୍ଷତିପୂରଣ ଦିଆଯାଉ ନାହିଁ ବୋଲି ଏହି ଧାରଣାରେ କୃଷକ ନେତାମାନେ ଅଭିଯୋଗ କରିଥିଲେ। ସଙ୍ଗଠନର ଜିଲା ସଂଯୋଜକ ତ୍ରିଲୋଚନ ପଣ୍ଡା, ସହ ସଂଯୋଜକ ସତ୍ୟ ନାୟକଙ୍କ ନେତୃତ୍ୱରେ ରବୀନ୍ଦ୍ର ପଣ୍ଡା, ଗଗନ ମହାନ୍ତି, ପୀତବାସ ମହାନ୍ତି, କୃଷ୍ଣଚନ୍ଦ୍ର ପାତ୍ର, ସୀତାକାନ୍ତ ସାହୁ, ବିଜୟ ନାୟକ ଓ ବିବେକାନନ୍ଦ ଜେନା ପ୍ରମୁଖ ଧାରଣାରେ ଉପସ୍ଥିତ ଥିଲେ।

## ସରିଲା ଶିଶୁ ପ୍ରତିଭା ଅନ୍ୱେଷଣ ଉତ୍ସବ



ଉତ୍ସବରେ ଯାତ୍ରା ନାୟିକା ମାମାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବନ୍ତ,୬ା୧(ସ୍ୱ.ପ୍ର.)**

ବନ୍ତ ବ୍ଲକ କାଦବରାଙ୍ଗ ଉତ୍କଳ ଯୁବକ ସଂଘ ପକ୍ଷରୁ ୩ଦିନ ଧରି ଚାଲିଥିବା ୭ମ ବାର୍ଷିକ ଶିଶୁ ପ୍ରତିଭା ଅନ୍ୱେଷଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାଦବରାଙ୍ଗ ଅଞ୍ଚଳର ୨୩ଟି ବିଦ୍ୟାଳୟର ୩୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୮ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ଜୁନିୟରରେ ୨୪ ଓ ସିନିୟରରେ ୨୪ ଶିଶୁ ପ୍ରତିଭାଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ସେହିପରି ୬ ଉଚ୍ଚ ବିଦ୍ୟାଳୟରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ଅବସରପ୍ରାପ୍ତ ବୀମା କମ୍ପାନୀ ମ୍ୟାନେଜର ଅଗଣି ଚରଣ ଜେନାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଗରପଡା ମହାବିଦ୍ୟାଳୟର ଅଧକ୍ଷ ଜନାର୍ଦ୍ଦନ ଓଝା, ମୁଖ୍ୟବକ୍ତା ଅଧାପକ ଫକୀର ଚରଣ ଶଙ୍ଖୁଆ, ଶିକ୍ଷାବିତ୍ କୃତ୍ତିବାସ ପଣ୍ଡା, ସରପଞ୍ଚ ଲକ୍ଷ୍ମୀପ୍ରିୟା ଭାରତୀ ଓ ସିଆର୍‌ସିସି ମନୋଜ ରାଉଳ ଯୋଗଦେଇ ଶିଶୁମାନଙ୍କ ଭିତରେ ଥିବା ପ୍ରତିଭାର ବିକାଶ ପାଇଁ ଉତ୍କଳ ଯୁବକ ସଂଘର ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଯାତ୍ରା ନାୟିକା ମାମାଙ୍କ ସଂଳାପ, ଆଲବମ ନାୟିକା ଜୟନ୍ତୀ ବେହେରା, ଟେଲି ଧାରାବାହିକର ନାୟକ ନୀତୀଶ ଦାଶ, ଗାୟକ ଗଙ୍ଗାଧର ଜେନା ଓ ଗାୟିକା ପ୍ରମିଳା ଅଗସ୍ତିଙ୍କ ନୃତ୍ୟ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ଖୋର୍ଦ୍ଧା ଉପଖଣ୍ଡର ସହକାରୀ ଜିଲାପାଳ ବିଜୟ କୁମାର ସେଠୀ, ଖବରଦାତା ହେମନ୍ତ ସିଂହ ଓ ସମସ୍ତ ନାୟିକା ନାୟକଙ୍କୁ ଯୁବକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଭାପତି ଜଗନ୍ନାଥ ନାୟକ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ପର୍ଶୁରାମ ପଢିହାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟ କେଦାର ରାଉତ ଧନ୍ୟବାଦ ଦେଇଥିଲେ। ସଂଘର ଉପଦେଷ୍ଟା ରାମେଶ୍ୱର ଭାରତୀଙ୍କ ସହ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଲୋକଙ୍କୁ ସଦ୍‌ବୁଦ୍ଧି ଦିଏ ଆଧାତ୍ମିକ ଚେତନା'

**ଭଦ୍ରକ ଅଫିସ, ୬ା୧**

ଭଦ୍ରକ ଚରମ୍ପାର ଶ୍ରୀଅରବିନ୍ଦ ସେବା ସମିତିର ସୁବର୍ଣ୍ଣ ଜୟନ୍ତୀ ଏବଂ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଡ. ଗୋଲକ ବିହାରୀ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ତିହିଡ଼ି ପଞ୍ଚାୟତ ସମିତି ଅଧକ୍ଷା ବିଦ୍ୟୁତଲତା ନାୟକ ଓ ମୁଖ୍ୟବକ୍ତା ଭାବେ କଟକ ମାତୃଭବନର ସାଧକ ପ୍ରସାଦ ତ୍ରିପାଠୀ ଯୋଗଦେଇ ଆଧାତ୍ମିକ ଚେତନା ଲୋକଙ୍କୁ ସଦ୍‌ବୁଦ୍ଧି ଦେଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସବୁବେଳେ ଛାତ୍ରୀଛାତ୍ରଙ୍କୁ ସଦ୍ ମଣିଷ ଭାବେ ଗଢ଼ି ତୋଳିଥାଏ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ସେବା ସମିତି ସଭାପତି ଦେବଦତ୍ତ ନାୟକ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ସଞ୍ଜୟ କୁମାର ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେବା ସମିତି ଉପସଭାପତି ଜାନକୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆରୋହଣ ନାମକ ଏକ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଜଣେ ଗିରଫ

**ଧାମନଗର, ୬ା୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ସହ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ଭଣ୍ଡାରିପୋଖରୀ ଛତାବରର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାଁ ପ୍ରଭାକର ଦାସ। ଏ ନେଇ ଧାମନଗର ଥାନାରେ ଏକ ମାମଲା(ନଂ.୨/୨୦) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି ଯେ, ସୋସିଆଲ ମିଡିଆ ମାଧ୍ୟମରେ ପ୍ରଭାକରଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ଗତ ସେପ୍ଟେମ୍ବରରେ ପ୍ରଭାକର ତାଙ୍କୁ ଫୋନ କଲ୍ କରି ଛତାବରକୁ ଡକାଇଥିଲେ। ସେଠାରେ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏବେ ସେ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରି ଦେଇଛନ୍ତି। ଏ ନେଇ ଯୁବତୀଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଭଣ୍ଡାରିପୋଖରୀର ଛତାବର ଅଞ୍ଚଳରୁ ପ୍ରଭାକରଙ୍କୁ ଗିରଫ ପରେ ସୋମବାର ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ପରେ ପ୍ରଭାକରଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଧର୍ମଘଟ ସଫଳ ଲାଗି ପଥପ୍ରାନ୍ତ ସଭା

**ବନ୍ତ,୬ା୧(ଡି.ଏନ.ଏ.)**

ଆସନ୍ତା ୮ ରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରାଇବା ଉଦ୍ଦେଶ୍ୟରେ ସୋମବାର ବନ୍ତ ଥାନା ଛକଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ଏବଂ ସିପିଆଇ ଜୋନ୍ କମିଟି ପକ୍ଷରୁ ଆୟୋଜିତ ସଭାରେ ବରିଷ୍ଠ ସାଥୀ ସୁବାସ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ସିପିଆଇର ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ପରମେଶ୍ୱର ବାରିକ, ନିରଞ୍ଜନ ନାୟକ, ନୃସିଂହ ପରିଡ଼ା, ପୀତବାସ ସେଠୀ, ଅଭିମନ୍ୟୁ ଜେନା ଓ ପଦ୍ମନାଭ ସ୍ୱାଇଁ ପ୍ରମୁଖ ଯୋଗଦେଇ ଦରଦାମ୍ ବୃଦ୍ଧି, ସମାନ କାମକୁ ସମାନ ଦରମା, କର୍ପୋରେଟ୍ ସ୍ୱାର୍ଥରେ ଶ୍ରମ ଆଇନ ବନ୍ଦ, କୃଷକମାନଙ୍କ ଲାଗି ସ୍ୱାମୀନାଥନ କମିଟି ସୁପାରିସ ଲାଗୁ କରିବା, ରେଳ, ବୀମା, ବ୍ୟାଙ୍କ, ପ୍ରତିରକ୍ଷା, କୋଇଲା, ଇସ୍ପାତ ସମେତ ସାର୍ବଜନୀନ କ୍ଷେତ୍ରରେ ଘରୋଇକରଣ ବନ୍ଦ କରିବା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଭଣ୍ଡାରିପୋଖରୀ, ୬ା୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୁରିପଡ଼ା ଅଞ୍ଚଳରୁ ଗତ ୧ ତାରିଖ ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳର ଜଣେ ମହିଳା ପୁରିପଡ଼ାରେ ଘରଭଡ଼ା ନେଇ ରହୁଛନ୍ତି। ଗତ ୧ ତାରିଖରେ ସାବରଙ୍ଗ ଅଞ୍ଚଳର ଜଣେ ଯୁବକ ସହଯୋଗୀଙ୍କ ସହ ମିଶି ତାଙ୍କ ଝିଅକୁ ଅପହରଣ କରି ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଉତ୍ସବ ପାଳିଲା ବିଜେଡି



ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷାଙ୍କ ସହ ବିଜେଡି ନେତୃବୃନ୍ଦ।

**ତିହିଡି,୬ା୧(ଡ.ଏନ.ଏ)**

ଭଦ୍ରକ ଜିଲା ଚିକିତ୍ସାଳୟ ନୂଆ ରୂପ ନେବ। ଶଯ୍ୟା ବୃଦ୍ଧି ସହ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ରହିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତିହିଡ଼ିର ବିଜେଡି ନେତାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ସେମାନେ ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟରେ ଏକତ୍ର ହୋଇଥିଲେ। ବାଣ ଫୁଟାଇ ଉତ୍ସବ ମନାଇବା ସହ ସେମାନେ ପରସ୍ପରକୁ ମିଠା ଖୁଆଇଥିଲେ। ଭଦ୍ରକରେ ୩ ଶହ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ ନିର୍ମିତ ହେଲେ ଲୋକେ ଉପକୃତ ହେବା ସହ ପଡ଼ୋଶୀ ଜିଲା ପାଇଁ ଏହା ମଧ ମଙ୍ଗଳ ହେବ ବୋଲି ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ କହିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ କମଳାକାନ୍ତ ଭୋଇ, ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସ ଓ କମଳାକାନ୍ତ ଦାସ, ବ୍ଲକ ବିଜେଡି ସଭାପତି ରଘୁନାଥ ପଣ୍ଡା, କାର୍ଯ୍ୟକାରୀ ସଭାପତି ବାପୁଜୀ ନାୟକ, ସରପଞ୍ଚ କୀର୍ତ୍ତନ ରାଉତ, ବୈକୁଣ୍ଠନାଥ ପାଣି, ସରପଞ୍ଚଙ୍କ ପ୍ରତିନିଧି ନିତ୍ୟାନନ୍ଦ ବେହେରା, ଯୁବନେତା ଶରତ ଦାସ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ ଓ ବିଷ୍ଣୁ କୁଅଁର, ଯୁବନେତା ଉତ୍ତମ ମହାପାତ୍ର, ଅନିରୁଦ୍ଧ ବାରିକ, ଆଦିତ୍ୟ ଜେନା ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ।

## ନୂଆ ରୂପ ନେବ ଜିଲା ଚିକିତ୍ସାଳୟ

# ବାଣ ଫୁଟାଇ ଖୁସି ମନାଇଲେ ଜିଲାବାସୀ

**ଭଦ୍ରକ ଅଫିସ,୬ା୧**

ଭଦ୍ରକ ଜିଲାବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ପ୍ରମୁଖ ସମସ୍ୟା ମଧ୍ୟରୁ ଶଯ୍ୟା ନିଅଣ୍ଟ ସମସ୍ୟାରେ ସୁଧାର ଆଣିବା ତଥା ଭିତ୍ତିଭୂମି ବିକାଶ ପାଇଁ ସୋମବାର ସନ୍ଧ୍ୟାରେ ଜିଲା ହସ୍ପିଟାଲକୁ ୭ ମହଲା ବିଶିଷ୍ଟ ଏବଂ ୧୯୧ରୁ ୩୦୦ ଶଯ୍ୟାକୁ ବୃଦ୍ଧି କରିବା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ନେତୃତ୍ୱରେ ବାଣ ଫୁଟାଇ ଜିଲାବାସୀ ଖୁସି ମନାଇଛନ୍ତି।



"ଜିଲାବାସୀଙ୍କ ଦୀର୍ଘବର୍ଷର ସମସ୍ୟା ସମାଧାନ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କ ସୁଖଦୁଃଖରେ ଭାଗୀଦାର। ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ସେ ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି। ଭବିଷ୍ୟତରେ ଡାକ୍ତର ସମସ୍ୟା ସମାଧାନ ଲାଗି ମଧ ସେ ପଦକ୍ଷେପ ନେବେ। ରୋଗୀମାନଙ୍କ ଆଟେଣ୍ଡାଣ୍ଟମାନଙ୍କ ରହଣି ପାଇଁ ମୁଖ୍ୟ ଚିକିତ୍ସାଳୟ ପରିସରରେ ୨୦ଲକ୍ଷ ଟଙ୍କାର ଏକ ପ୍ରତୀକ୍ଷାଳୟ କରାଯିବ। ରୋଗୀ କଲ୍ୟାଣ ସମିତିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବେ ବୋଲି ସେ ଘୋଷଣା କରିଛନ୍ତି। ଏହା ଜିଲାବାସୀଙ୍କ ପାଇଁ ଗର୍ବର ବିଷୟ।

**ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ**



"ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ସ୍ୱାସ୍ଥ୍ୟସେବା ସୁଧାର କ୍ଷେତ୍ରରେ ବେଶ୍ ସହାୟକ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଭଦ୍ରକ ବ୍ୟତୀତ ପଡ଼ୋଶୀ କେନ୍ଦୁଝର, ବାଲେଶ୍ୱର ଓ ଯାଜପୁରର ଜିଲାର କେତେକ ଅଞ୍ଚଳର ଲୋକ ନିର୍ଭରଶୀଳ। ଏଣୁ ଏହାର ଭିତ୍ତିଭୂମି ବଦଳିଲେ ନିଶ୍ଚୟ ସୁଧାର ଆସିବ।

**ରାଜଲକ୍ଷ୍ମୀ ମହାପାତ୍ର, ସାମାଜିକ କର୍ମୀ**



"ଏହି ଘୋଷଣା ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବ। କିନ୍ତୁ ଜିଲାବାସୀଙ୍କ ମୁଖ୍ୟ ଦାବି ମେଡିକାଲ କଲେଜ ପ୍ରତିଷ୍ଠାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଲେ ନାହିଁ। ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲେ ଶତାଧିକ ଡାକ୍ତର ଛାତ୍ରୀଛାତ୍ର ସୃଷ୍ଟି ହୋଇପାରିଥାନ୍ତେ। ଏଣୁ ମେଡିକାଲ କଲେଜ ସ୍ଥାପନ ପ୍ରତି ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ।

**ସ୍ୱାଧୀନ ସୁନ୍ଦର ଦାସ, ଛାତ୍ରନେତା**



"ଜିଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା। ଦୈନିକ ପ୍ରାୟ ୨ଶହ ରୋଗୀ ଚଟାଣରେ ଶୋଇ ଚିକିତ୍ସା ହେଉଥିଲେ। ଏଣିକି ଏଭଳି ଆଉ ସମସ୍ୟା ହେବ ନାହିଁ।

**ଜଗନ୍ନାଥ ସ୍ୱାଇଁ, ଜିଲା ବିଜେଡି ସଭାପତି**

## 'ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଆଣିବ ବୈପ୍ଳବିକ ପରିବର୍ତ୍ତନ'

**ଭଦ୍ରକ ଅଫିସ, ୬ା୧**

ଭଦ୍ରକ ଜିଲା ଚିକିତ୍ସାଳୟରେ ନୂତନ ଅତ୍ୟାଧୁନିକ ୩ ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ହେବ ବୋଲି ମୁଖ୍ୟମନ୍ତ୍ରୀ ସୋମବାର ଘୋଷଣା କରିବା ପରେ ଜିଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ସାଳନ୍ଦୀ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ସୂଚନା ଦେଇ ଗେଲପୁର ନିକଟରେ ଉକ୍ତ ନୂତନ ଚିକିତ୍ସାଳୟ କରାଯିବ ବୋଲି କହିଥିଲେ। ସେଠାରେ ପୂର୍ବରୁ ପ୍ରସ୍ତାବିତ ଶହେ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ମଙ୍ଗଳ ଚିକିତ୍ସାଳୟକୁ ବାଦ୍ ଦେଇ ଏହି ୩ ଶହ ଶଯ୍ୟା ଡାକ୍ତରଖାନା କରାଯିବ। ପୁରୁଣା ଜିଲା ଚିକିତ୍ସାଳୟରେ ୫-ଟି ସଚିବଙ୍କ ଟିମ୍ ଗସ୍ତ ପରେ ୧୯୧ ଶଯ୍ୟା ବିଶିଷ୍ଟ ବ୍ୟବସ୍ଥାକୁ ସମ୍ପ୍ରସାରଣ କରାଯାଇ ୩ ଶହ କରିଦିଆଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ଏଣୁ ସ୍ୱାସ୍ଥ୍ୟସେବା ସୁଧାର କ୍ଷେତ୍ରରେ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମାଗାର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଜିଲାପାଳ କହିଥିଲେ। ଖବରଦାତା ସମ୍ମିଳନୀରେ ଉପଜିଲାପାଳ ପୀତାମ୍ବର ସାମଲ, ବିଧାୟକ ସଞ୍ଜୀବ ମଲ୍ଲିକ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲାପରିଷଦ ସଭ୍ୟ କ୍ଷୀରୋଦ ରାଉତ ଓ ପୂର୍ବତନ ପୌରପାଳ ମାନସ ମହାନ୍ତିଙ୍କ ସହ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବାମରୁ ଉପଜିଲାପାଳ ପୀତାମ୍ବର ସାମଲ, ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ବିଧାୟକ ସଞ୍ଜୀବ ମଲ୍ଲିକ।

# ଧାନକିଣା ବେଳେ କଟନୀଛଟନୀ ବିବାଦ

## ବଢୁଛି ଚାଷୀ ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

**ବାହାନଗା,୬।୧(ଡି.ଏନ.ଏ.)**

ବିଭିନ୍ନ ମଣ୍ଡିରେ ଧାନକିଣା ବେଳେ କଟନୀଛଟନୀ କରାଯାଉ ଥିବାରୁ ଚାଷୀମାନେ ଏହାକୁ ବିରୋଧ କରୁଛନ୍ତି। ବାଲେଶ୍ୱର ଜିଲା ବାହାନଗା ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିକୁ ଧାନ ବିକିବାକୁ ଆସୁଥିବା ଚାଷୀ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷୀମାନେ କହିଛନ୍ତି ଯେ, ସେମାନେ ବିକିବାକୁ ଆସୁଥିବା ଧାନର ମାନ ଠିକ୍ ନଥିବା ଦର୍ଶାଇ କୁଇଣ୍ଟାଲ ପିଛା ୩ରୁ ୭ ପ୍ରତିଶତ କାଟି ଧାନର ମୂଲ୍ୟ ହିସାବ କରାଯାଉଛି। ଏଥିଲାଗି ଧାନ ବିକି ଚାଷୀମାନେ ଉଚିତ ମୂଲ୍ୟ ପାଉ ନ ଥିବା କହିଛନ୍ତି। ଏଭଳି ସମସ୍ୟା ପ୍ରତି ଜିଲା ପ୍ରଶାସନର ନିଘା ନ ଥିବାରୁ ଚାଷୀ ଯୋଗେନ୍ଦ୍ର ମଲିକ, ଗଣେଶ ମଲିକ, ବାବୁଲା ମଲିକ ପଦ୍ମଲୋଚନ ରାଜ, ପଦ୍ମଲୋଚନ ପରିଡା, ଅକ୍ଷୟ ମଲିକ, ସାବିତ୍ରୀ ମଲିକ, ଶୁକମଣି ଦାସ, ସରସ୍ୱତୀ ମହାଲିକ, ଶାନ୍ତନୁ ବିଶ୍ୱାଳ, ବିଜୟ ବେହେରା, ସନ୍ତୋଷ ସିଂ, ଗଜେନ୍ଦ୍ର ମଲିକ, ପୂର୍ଣ୍ଣଚନ୍ଦ୍ର ରାଜ ପ୍ରମୁଖ ଅଭିଯୋଗ କରିଛନ୍ତି।


ଧାନମଣ୍ଡିରେ ଚାଷୀ ପ୍ରତିବାଦ ଜଣାଉଛନ୍ତି।

ଏବାବଦରେ ବାହାନଗା ସେବା ସମବାୟ ସମିତିର ସମ୍ପାଦକ ଶରତ ଚନ୍ଦ୍ର ଦାସଙ୍କୁ ପଚାରିବାରୁ କହିଛନ୍ତି ସମିତିରେ ଧାନ କିଣାକୁ ନେଇ କୌଣସି ବିବାଦ ଦେଖାଦେଇ ନାହିଁ। ଧାନର ମାନ ଦେଖି ମିଲର ପରସେଣ୍ଟେଜ୍ କାଟୁଛନ୍ତି। ସେହିପରି ବରିପଦା ସେବା ସମବାୟ ସମିତିର ସମ୍ପାଦକ ସନ୍ଦୀପ୍ ପାଢୀ କହିଛନ୍ତି ଚଳିତ ବର୍ଷ ବନ୍ୟା ହୋଇ ଧାନର ରଙ୍ଗ ଫିକା ପଡିଛି। ତେଣୁ ନିମ୍ନମାନର ଧାନ କିଣିବାକୁ ମିଲରମାନେ ରାଜି ହେଉ ନାହାନ୍ତି। କିନ୍ତୁ ଚାଷୀମାନେ ଧାନର ମାନ ନିରୂପଣ ନେଇ ମନଇଚ୍ଛା ନିଷ୍ପତ୍ତି ନିଆଯାଉ ଥିବା ଅଭିଯୋଗ କରିଛନ୍ତି। ସରକାର ଓ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଚାଷୀ ମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଏଫ୍ଏମ୍ କଲେଜ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା।

# ଜେଏନ୍ୟୁ କ୍ୟାମ୍ପସ୍ ହିଂସାକୁ ନିନ୍ଦା

**ବାଲେଶ୍ୱର ଅଫିସ,୬।୧**

ବାଲେଶ୍ୱର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜେଏନ୍ୟୁରେ ଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି। ଏଭଳି ହିଂସାକୁ ବିରୋଧ କରି ବିଜୁ ଛାତ୍ର ଜନତା ଦଳର ସଦସ୍ୟମାନେ କ୍ୟାଣ୍ଡେଲ ଧରି ସ୍ଥାନୀୟ ଫକୀରମୋହନ କଲେଜ ଫାଟକ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ପ୍ରତିବାଦ ସଭା କରିଥିଲେ। ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର ଛାତ୍ର ସମାଜ ପ୍ରତି ଏଭଳି ଅତ୍ୟାଚାର କରାଯିବା ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସଭାରେ ମହାସଚିବ କୁଶାଲ ଚାର୍ଟାଜୀ, ଟାଉନ ସଭାପତି ବ୍ରଜ କିଶୋର ପ୍ରଧାନ, ପୂର୍ବତନ ଛାତ୍ର ସଂସଦ ସଭାପତି ସୁଭମ ସାଇ ମହାପାତ୍ର, ସଦର ସଭାପତି ଭବାନୀ ପଣ୍ଡା, ବିଜୟ ଜେନା ପ୍ରମୁଖ ଛାତ୍ରନେତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସାଧାରଣ ଧର୍ମଘଟ ନେଇ ପ୍ରସ୍ତୁତି

**ଭୋଗରାଇ,୬।୧(ଡି.ଏନ.ଏ.):** କେନ୍ଦ୍ରୀୟ ଶ୍ରମିକ ସଂଗଠନର ଆହ୍ୱାନ କ୍ରମେ ଆସନ୍ତା ୮ ତାରିଖ ସାଧାରଣ ଧର୍ମଘଟ ଡାକରାକୁ ସମର୍ଥନ ଜଣାଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଭୋଗରାଇ ଶାଖା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଦେଶରେ ଏନ୍‌ଆରସି ଏବଂ ସିଏଏ ଆଇନ୍ ଲାଗୁ ନ କରିବା, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି, ନାରୀଙ୍କୁ ସୁରକ୍ଷା, କଳାକାରଖାନାରୁ ଶ୍ରମିକ ଛଟେଇ ବନ୍ଦ କରିବା ପ୍ରଭୃତି ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଛି। ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରବିବାର ସନ୍ଧ୍ୟାରେ ଭୋଗରାଇ ଥାନା ଛକଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର ଆଞ୍ଚଳିକ ସଦସ୍ୟ ହରେକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦିକା କ୍ରିଷ୍ଣାରାଣୀ ସାହୁ, ଜିଲା ସମ୍ପାଦକ ନିରାକାର ପାଣ୍ଡବ, ଡିଏମ୍‌ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ଦିଅର ଛୁରାମାଡ଼ରେ ଭାଉଜ ଗୁରୁତର

**ଜଳେଶ୍ୱର,୬।୧ (ଡି.ଏନ୍.ଏ./ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ସାହାଡ଼ାପଡ଼ା ଗ୍ରାମରେ ଜମିବାଡ଼ ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିବା ବେଳେ ଦିଅରଙ୍କ ଛୁରା ମାଡ଼ରେ ତାଙ୍କ ଭାଉଜ ଗୁରୁତର ଆହତ ହୋଇଛନ୍ତି। ଏଥିନେଇ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଛି। ଆହତ ମହିଳା ଝୀନା(୨୭) ପାତ୍ରଙ୍କୁ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏ ନେଇ ତନାଘନା ଜାରି ରଖିଥିବା କହିଛି।

### ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

**ବାହାନଗା,୬।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳ ଗ୍ରାମ ନିକଟସ୍ଥ ସଲ୍ଟ ରୋଡ କଡରେ ଥିବା ଏକ ଆମ୍ବଗଛ ଡାଳରେ ବେକରେ ଦଉଡି ଦେଇ ଶ୍ରୀଜଙ୍ଗ ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଖବରପାଇ ଗୋପାଳପୁର ଫାଣ୍ଡି ପୋଲିସ ମୃତଦେହ ଜବଦ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ଶ୍ରୀଜଙ୍ଗ ପଞ୍ଚାୟତର ଉତ୍ତର ମଲିକ ସାହିର ନରେଶ ମଲିକ(୧୮) । ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

### କିଡ୍‌ନୀ ଆକ୍ରାନ୍ତଙ୍କୁ ସହାୟତା

**ଖଇରା,୬।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବରଦା ପଞ୍ଚାୟତ ଅବଦଲ୍ଲାପୁର ଗ୍ରାମରେ ଦୀର୍ଘଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣେ ବ୍ୟକ୍ତି ଅର୍ଥାଭବରୁ ଚିକିତ୍ସିତ ହୋଇ ନ ପାରି ଦୁର୍ଦ୍ଦଶାରେ ଦିନ ବିତାଉଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ସହାୟତାର ହାତ ବଢାଇଛନ୍ତି ସମାଜସେବୀ ତଥା ଯୁବ ଭାଜପା ନେତା ଡ. ବେଣୁମାଧବ ପଣ୍ଡା। ସୋମବାର ସେ ମଣ୍ଡଳ ସଭାପତି ରାଜେଶ ରାଉତ ଓ ପରିକ୍ଷିତ ମହାପାତ୍ରଙ୍କ ସହ ଆକ୍ରାନ୍ତ ରୋଗୀଙ୍କ ବାସଭବନକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

### ପ୍ରତିଷ୍ଠା ଦିବସ ଓ ରକ୍ତଦାନ ଶିବିର

**ଲଙ୍ଗଳେଶ୍ୱର,୬।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ଠାରେ ଥିବା ୟୁକୋ ବ୍ୟାଙ୍କର ୭୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବ୍ୟାଙ୍କର ଶାଖା ପ୍ରବନ୍ଧକ ରଜତ କୁମାର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉପଶାଖା ପ୍ରବନ୍ଧକ ସରୋଜ କୁମାର ପାତ୍ର, ବ୍ୟାଙ୍କ ମିତ୍ର ଚିତ୍ତରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ବାଲେଶ୍ୱର ରେଡ଼କ୍ରସ ପକ୍ଷରୁ ଡା. ମହେଶ ବିଶ୍ୱାଳ, ଜ୍ୟୋତିଷୀ ପ୍ରଧାନ, ଅଜୟ ମହାପାତ୍ର, ବିଜୟ ବଳ, ଲକ୍ଷ୍ମୀଧର ବାରିକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।


ବସ୍ତା ରେଳ ଷ୍ଟେଶନରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି।

# ରେଳ ଷ୍ଟେଶନର ଉପରବେଶିଆ ସୌନ୍ଦର୍ଯ୍ୟକରଣ

**ବସ୍ତା,୬।୧(ଡି.ଏନ.ଏ.):** ଦକ୍ଷିଣପୂର୍ବ ରେଳବାଇର ବିଭାଗୀୟ ଜିଏମ୍ ଆସନ୍ତା ୧୦ ତାରିଖରେ ରୂପସାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ପରିଦର୍ଶନ କରିବା ପରେ ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ବସ୍ତା ଷ୍ଟେଶନ ବୁଲି ସମସ୍ୟା ଅନୁଧ୍ୟାନ କରିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବସ୍ତା ଷ୍ଟେଶନରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳୁଛି। ବସ୍ତା ଷ୍ଟେଶନରେ ଭିତ୍ତିଭୂମିର ବିକାଶ, ରେଳଯାତ୍ରୀଙ୍କୁ ମୌଳିକ ସୁବିଧା, ପୁରୀରୁ ଦିଲ୍ଲୀ ଯାଉଥିବା ନନ୍ଦନକାନନ, ନୀଳାଚଳ ଏକ୍ସପ୍ରେସ, ଓଡ଼ିଶା ସମ୍ପର୍କକ୍ରାନ୍ତି ଓ ଜନଶତାବ୍ଦୀ ଟ୍ରେନର ରହଣି ସାଙ୍ଗକୁ ଖଡ଼ଗପୁର ଖୋର୍ଦ୍ଧାରୋଡ୍ ଫାଷ୍ଟ ପାସେଞ୍ଜରକୁ କଟକ ଦେଇ ଚଳାଚଳ କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ରେଳ କର୍ତ୍ତୃପକ୍ଷ ଏସବୁ ଦାବିକୁ ଅଣଦେଖା କରି ଲୋକଦେଖାଣିଆ ଭାବେ ଷ୍ଟେଶନରେ ରଙ୍ଗ ଦେବା କାମ ଆରମ୍ଭ କରିଥିବାରୁ ରେଳଯାତ୍ରୀ ଓ ଅଞ୍ଚଳବାସୀ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଜିଏମଙ୍କ ଗସ୍ତ ପୂର୍ବରୁ ଏପରି ଲୋକଦେଖାଣିଆ କାମକୁ ଜିଲା ଜେଏମଏମ ସଭାପତି କମଳ ଲୋଚନ ବାରିକ ମଧ୍ୟ ସମାଲୋଚନା କରିଛନ୍ତି। ଜିଏମଙ୍କ ଗସ୍ତ ବେଳେ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ତାଙ୍କୁ ଦାବିପତ୍ର ପ୍ରଦାନ ଲାଗି ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

# ଭାଇଚାରା ଓ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଥାଏ ବନ୍ଧୁମିଳନ: ରାଜ୍ୟପାଳ

**ସଜନାଗଡ଼,୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଡାକବଙ୍ଗଳା ପରିସରରେ ସୋମବାର ଦିବସବ୍ୟାପୀ ବିଜୟା ବନ୍ଧୁମିଳନ ସମାରୋହ ଆୟୋଜିତ ହୋଇଥିଲା। ସମାରୋହର ଶେଷ

**ବିଜୟା ବନ୍ଧୁମିଳନ ସମାରୋହ**

ପର୍ଯ୍ୟାୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଅସ୍ତ୍ର ପୂଜନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଭଳି ବିଜୟା ବନ୍ଧୁମିଳନ ସମାରୋହ ଭାଇଚାରା ଓ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କୁ ସମାରୋହ କମିଟି ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ସ୍ଥାନୀୟ କାରିଗରଙ୍କ ଦ୍ୱାରା ଧାନରେ ନିର୍ମିତ ଜଗନ୍ନାଥଙ୍କ ଷ୍ଟେଚ୍ୟୁ ତାଙ୍କୁ ପ୍ରଦାନ କରାଯାଇଥିଲା।

ସମାରୋହ କମିଟିର ସଭାପତି ତଥା କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଦୀର୍ଘ ୧୦ବର୍ଷ ଧରି ଏହି ବିଜୟା ବନ୍ଧୁମିଳନ ସ୍ୱାତନ୍ତ୍ର୍ୟ ବଜାୟ ରଖି ଶାନ୍ତିର ଆନନ୍ଦକୁ ସାକାର କରିଛି ବୋଲି କହିଥିଲେ। ଏଥିରେ ଏକତାର ଅତୁଟ ସମ୍ପର୍କ ଉପରେ ସେ ଆଲୋକପାତ କରିଥିଲେ। ସେହିପରି ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏବଂ ବଡ଼ସାହି ବିଧାୟକ ସନାତନ ବିଜୁଳି ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ସେମାନେ ଏଭଳି ସମାରୋହ ଆୟୋଜନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବନ୍ଧୁମିଳନ କମିଟିର ସଦସ୍ୟ ଚନ୍ଦ୍ରବିନ୍ଦୁ ଦାସ ବିଜୟା ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଚନ୍ଦ୍ରଶେଖର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଦିନ ତମାମ୍ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ନାୟକ, ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଏସ୍‌ଡ଼ିପିଓ ଅମୂଲ୍ୟ ଧର, ଆଇଆଇସି ମିନତୀ ବିଶ୍ୱାଳ, ବିଭିନ୍ନ ଦଳର ନେତୃବର୍ଗ, ବୁଦ୍ଧିଜୀବୀ, ଆଇନ୍‌ଜୀବୀ, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମାରୋହରେ ପାଖାପାଖି ୧୦ହଜାରରୁ ଅଧିକ ଜନସମାଗମ ହୋଇଥିଲା।


ସମାରୋହ କମିଟି ତରଫରୁ ରାଜ୍ୟପାଳଙ୍କୁ ଧାନରେ ତିଆରି ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ଷ୍ଟାଚ୍ୟୁ ପ୍ରଦାନ କରାଯାଉଛି।


ରୌପ୍ୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିଗଣ।

# 'ଗଣମାଧ୍ୟମ ଗଠନମୂଳକ ସମାଲୋଚନା କରିବା ଉଚିତ'

**ବାଲେଶ୍ୱର ଅଫିସ,୬।୧**

ସାମ୍ପ୍ରତିକ ପରିସ୍ଥିତିରେ ଦେଶର ଗଣମାଧ୍ୟମ ଉପରେ ଜନସାଧାରଣଙ୍କର ଯଥେଷ୍ଟ ଭରସା ରହିଛି। ଏଣୁ ପ୍ରତ୍ୟେକ ମୁଦ୍ରଣ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ନିରପେକ୍ଷତା ରକ୍ଷା କରି ଗଠନମୂଳକ ସମାଲୋଚନା ପ୍ରକାଶ କଲେ ଏହା ସମସ୍ତଙ୍କୁ ଦିଗ୍‌ଦର୍ଶନ ଦେଇ ପାରିବ ବୋଲି ପଞ୍ଚାୟତିରାଜ, ପାନୀୟ ଜଳ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ବାଲେଶ୍ୱର ସହର ସିନେମା ଛକ ସ୍ଥିତ ଟାଉନହଲ୍ ପରିସରରେ ସୋମବାର ଅପରାହ୍ନରେ ଆୟୋଜିତ ସାପ୍ତାହିକ ଓଡ଼ିଆ ଖବରକାଗଜ 'ଜନପ୍ରିୟ'ର ରୌପ୍ୟଜୟନ୍ତୀ ସମାରୋହରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ବିହାରୀ ଦାସ ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଲକ୍ଷ୍ମୀଧର ବେହେରା, ଓୟୁଜେର ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ଡିଏସ୍‌ପି ଉମେଶ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖବରକାଗଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ସମ୍ପାଦକ ଉଜ୍ଜ୍ୱଳ କର ଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ନୃତ୍ୟସଙ୍ଗୀତ କଳାମନ୍ଦିରର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।

# ମାଙ୍କଡ଼ ଉପଦ୍ରବ: ଲୋକେ ଆତଙ୍କିତ

**ଲଙ୍ଗଳେଶ୍ୱର,୬।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡ଼ିହା, ବାଲିକୁଟୀ, କୁଣ୍ଡଳୀ ପ୍ରଭୃତି ପଞ୍ଚାୟତରେ ମାଙ୍କଡ଼ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନେ ଦଳଦଳ ହୋଇ ଆସି ପନିପରିବା ଫସଲ ଉଜାଡି ଦେଉଛନ୍ତି। ଏପରି କି ଲୋକଙ୍କୁ କାମୁଡ଼ିବା ପାଇଁ ରାସ୍ତାରେ ଗୋଡ଼ାଉଛନ୍ତି। ମାଙ୍କଡ଼ଙ୍କ ଭୟରେ ଲୋକେ ରାସ୍ତାରେ ଯାତାୟତ କରିବାକୁ ଡରୁଛନ୍ତି। ଏହି ମାଙ୍କଡ଼ଙ୍କୁ ଧରି ଜଙ୍ଗଲରେ ଛାଡିବା ଲାଗି ଗ୍ରାମବାସୀ ବନଅ ଧିକାରୀଙ୍କ ନିକଟରେ ଲିଖିତ ଭାବେ ଦାବି କରିଛନ୍ତି। ଫରେଷ୍ଟର ଜିତେନ୍ଦ୍ର କୁମାର ରାଉତଙ୍କ ସହ ଯୋଗାଯୋଗ କରିବାରୁ ତୁରନ୍ତ ମାଙ୍କଡ଼ଙ୍କୁ ଘଉଡାଇବାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସରକାରୀ ଜାଗାରେ ସ୍ଥାୟୀ ପକ୍କାଘର ନିର୍ମାଣକୁ ବିରୋଧ


ସରକାରୀ ଜାଗାରେ ନିର୍ମାଣାଧୀନ ପକ୍କା ଘର।

**ଲଙ୍ଗଳେଶ୍ୱର,୬।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ଅଞ୍ଚଳରେ ପାର୍ବତୀ ନଦୀତଟବର୍ତ୍ତୀ ରାସ୍ତାକଡ଼ ସରକାରୀ ଜାଗାକୁ ଅବରୋଧ କରି ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରାଯାଉଥିବାରୁ ଗ୍ରାମବାସୀ ବିରୋଧ କରି ଏବେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ପ୍ରଥମେ ବାଲିଆପାଳ ତହସିଲ କର୍ତ୍ତୃପକ୍ଷଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଏଯାଏ ଗ୍ରହଣ କରା ଯାଇ ନ ଥିବାରୁ ବାଲିକୁଟି ପଞ୍ଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଲିଆପାଳ ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁଙ୍କୁ ପଚାରିବାରୁ କହିଛନ୍ତି, ଅଭିଯୋଗ ମିଳିଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# 'ଶିକ୍ଷା ଜୀବନ ଦୀପର ଆଲୋକବର୍ତ୍ତିକା'

## ନୀଳଗିରି ମହିଳା ମହାବିଦ୍ୟାଳୟର ରୌପ୍ୟଜୟନ୍ତୀ ସମାରୋହ

**ସଜନାଗଡ, ୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ମହିଳା ମହାବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ ସୋମବାର ମହାସମାରୋହରେ ପାଳିତ ହୋଇଛି। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ନୀଳଗିରି ମହିଳା ମହାବିଦ୍ୟାଳୟର ଗୌରବାବହ ଐତିହ୍ୟ ଉପରେ ଆଲୋକପାତ କରି 'ଶିକ୍ଷା ଜୀବନ ଦୀପର ଆଲୋକ ବର୍ତ୍ତିକା' ବୋଲି ସେ କହିଥିଲେ।

ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଦୀପ୍ତିକାନ୍ତ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଜଗନ୍ନାଥ ସଂସ୍କୃତିର ଗବେଷକ ଓ ପ୍ରବର୍ତ୍ତକ ପ୍ରଫେସର ଡ. ରଜତ କୁମାର କର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପରିଚାଳନା ପରିଷଦର ସଭାପତି ତଥା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୀଳଗିରିର ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ସଦାଶିବ ରଥ, ରତ୍ନାକର ବେହେରା, ପୂର୍ବତନ ଅଧ୍ୟକ୍ଷ ହେମନ୍ତ କୁମାର ବେହେରା, ଯୁକ୍ତ୩ କଲେଜର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା, ଯୁକ୍ତ୨ କଲେଜର ଅଧ୍ୟକ୍ଷ କାର୍ତ୍ତିକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ସଞ୍ଜୟ କୁମାର ପତି ମଞ୍ଚ ପରିଚାଳନା ଓ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଶୁଭସ୍ମିତା ଜେନା ରୌପ୍ୟଜୟନ୍ତୀ ସମାରୋହର ବିବରଣୀ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ସ୍ମୃତିସ୍ନାତା ନାମକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଶେଷରେ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅପରାହ୍ନ ୨ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଷ୍ଟେଶନ ଉନ୍ନୟନ କମିଟିର ଆମରଣ ଅନଶନ

**ଜଳେଶ୍ୱର,୬।୧(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତରେ ଥିବା ଲକ୍ଷ୍ମଣନାଥ ରୋଡ଼ ରେଳ ଷ୍ଟେଶନ ଓ ଯାତ୍ରୀଙ୍କ ବିଭିନ୍ନ ସମସ୍ୟା ପ୍ରତି ଦକ୍ଷିଣ-ପୂର୍ବ ରେଳ କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଥିବାରୁ ଏହା ପ୍ରତିବାଦରେ ଷ୍ଟେଶନ ଉନ୍ନୟନ କମିଟି ତରଫରୁ ସୋମବାର ପୂର୍ବାହ୍ନରେ ଆମରଣ ଅନଶନ କରାଯାଇଥିଲା। କମିଟି ପକ୍ଷରୁ ଦିଆଯାଇଥିବା ୬ ଦଫା ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ସୂଚନା ପାଇ ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନର ଏସିଏମ୍ ସପନ ପଣ୍ଡାଙ୍କ ସମେତ ଉପରିସ୍ଥ କର୍ମକର୍ତ୍ତାମାନେ ଆସି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ଦିଗରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦିଆଯିବାରୁ ମଧ୍ୟାହ୍ନ ୧ଟା୧୫ମିନିଟ୍ ସମୟରେ ଅନଶନ ଭଙ୍ଗ ହୋଇଥିଲା।

ଏହି ଅନଶନରେ କମିଟିର ସଭାପତି ବୁଦ୍ଧେଶ୍ୱର ପ୍ରଧାନ, ଉପ ସଭାପତି ରଞ୍ଜନ କୁମାର ଦାସ ମହାପାତ୍ର, ସମ୍ପାଦକ ସଞ୍ଜୟ ଦାସ, ତଥା ନିଶିକାନ୍ତ ଦାସ, ରାଜେଶ ଜେନା, ଚିତ୍ତରଞ୍ଜନ ପରିଡ଼ା, ଚନ୍ଦନ ପାତ୍ର, ମିଲନ ଦାସ, ସନ୍ତୋଷ କୁମାର ପାଳ, ବିନୟ କୁମାର ଜେନା, ସମୀର ପାତ୍ର, ସୁମିତ୍ରା ଦେ, ନନିଗୋପାଳ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଆଲୋଚନା ବେଳେ କମିଟି ପକ୍ଷରୁ ଦର୍ଶାଯାଇଥିଲା ଯେ, ଜଳେଶ୍ୱର ବ୍ଲକ ସୁବର୍ଣ୍ଣରେଖା ନଦୀର ଅପର ପାର୍ଶ୍ୱରେ ଥିବା ରାଇବଣିଆ ଅଞ୍ଚଳର ୧୪ ପଞ୍ଚାୟତର ଗ୍ରାମବାସୀଙ୍କ ସମେତ ଲକ୍ଷ୍ମଣନାଥ, ଗବରଘାଟା ଓ ନଚ୍ଛିମପୁର ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଲୋକେ ଏହି ରେଳ ଷ୍ଟେଶନ ଉପରେ ଅଧିକ ନିର୍ଭର କରିଥାନ୍ତି। ସେହିପରି ପଡୋଶୀ ପଶ୍ଚିମବଙ୍ଗର ବହୁ ଗ୍ରାମବାସୀ ମଧ୍ୟ ଏହି ଷ୍ଟେଶନ ଦେଇ ଯାତାୟାତ କରିଥାନ୍ତି। ଷ୍ଟେଶନ ଭିତ୍ତିଭୂମିର ବିକାଶ କରାଯାଉ ନ ଥିବାରୁ ଏଥିଲାଗି ଲୋକେ ହଇରାଣ ହୋଇ ଆସୁଛନ୍ତି। ଏସମ୍ପର୍କରେ ଉନ୍ନୟନ କମିଟି ଦକ୍ଷିଣ-ପୂର୍ବ ରେଳବିଭାଗ ଖଡ଼ଗପୁର ଡିଭିଜନ, କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରମୁଖଙ୍କୁ ଯାତ୍ରୀ ଓ ଷ୍ଟେଶନର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଲିଖିତ ଦାବିପତ୍ର ଦେବା ସତ୍ତ୍ୱେ କୌଣସି ବ୍ୟବସ୍ଥା ନ ହେବାରୁ ଶେଷରେ ୬ ଦଫା ଦାବି ନେଇ ଆମରଣ ଅନଶନ କରାଯାଇଛି। ଏସବୁ ଦାବି ମଧ୍ୟରେ ଷ୍ଟେଶନର ପୂର୍ବଦିଗକୁ ଯାଉଥିବା ଯାତ୍ରୀଙ୍କ ପାଇଁ ପିଓବି ନିର୍ମାଣ, ଉତ୍ତର-ଦକ୍ଷିଣ ପାର୍ଶ୍ୱରେ ଥିବା ଉଚ୍ଚ ପ୍ଲାଟଫର୍ମର ସମ୍ପ୍ରସାରଣ, ସାଇକେଲ ଷ୍ଟାଣ୍ଡ ନିର୍ମାଣ, କେତେକ ଏକ୍ସପ୍ରେସ ଟ୍ରେନର ରହଣି ଆଦି ଦାବି ରହିଛି।


ଆମରଣ ଅନଶନରେ ବସିଥିବା ଷ୍ଟେଶନ ଉନ୍ନୟନ କମିଟିର କର୍ମକର୍ତ୍ତା।

## ସଂକ୍ଷେପରେ

### ବଦଳିଲେ ଟାଉନ ଥାନା ଅଧିକାରୀ

ବାରିପଦା ଅଫିସ,୬।୧- ଦୀର୍ଘ ଦିନର ଦାବି ପରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ବଦଳିଛନ୍ତି। ତାଙ୍କ ସ୍ଥାନରେ ବହଳଦା ଥାନା ଇନ୍ସପେକ୍ଟର ବୀରେନ୍ଦ୍ର ସେନାପତି ସୋମବାର ଟାଉନଥାନାର ନୂତନ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ କାର୍ଯ୍ୟରତ ଇନ୍ସପେକ୍ଟର ନାୟକଙ୍କୁ ବେତନଟୀ ଥାନାକୁ ବଦଳି କରାଯାଇଛି। ବାରିପଦା ଟାଉନ ଥାନା ଅଞ୍ଚଳରେ ଚୋରି, ଡକାୟତି ଭଳି ଘଟଣା ନିୟମିତ ଘଟୁଥିଲା । ହେଲେ ଟାଉନ ଥାନା ପୋଲିସ ଅପରାଧୀଙ୍କୁ ଧରିବାରେ ସକ୍ଷମ ହୋଇ ପାରୁ ନ ଥିଲା । ଫଳରେ ଥାନା ଅଧିକାରୀ ନାୟକଙ୍କ ବଦଳି ଦାବି ଜୋର ଧରିଥିଲା । ଗତ ଡିସେମ୍ବର ୧୨ ତାରିଖରେ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ଜିଲାର ବିଭିନ୍ନ ଥାନା ସହିତ ବାରିପଦା ଟାଉନ ଥାନା ଅଧିକାରୀ ନାୟକଙ୍କୁ ବଦଳି କରିଥିଲେ।

### ଦୁର୍ଘଟଣାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ଠାକୁରମୁଣ୍ଡା,୬।୧(ଡ଼ି.ଏନ୍.ଏ.)- ଠାକୁରମୁଣ୍ଡା ବଜାରରୁ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ଜଣେ ବ୍ୟକ୍ତି ସୋମବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ ସ୍ଥାନୀୟ ନିହାଣଗଣ୍ଡି ଗ୍ରାମର ଅଙ୍କୁର ଗିରି (୬୦)। ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଠାକୁରମୁଣ୍ଡା ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ
### ହାଡ଼ରୁକୁ ହରାଇ ଜାମତି ଚାମ୍ପିୟନ

ଝାରପୋଖରିଆ,୬।୧(ଡି.ଏନ୍.ଏ.): ସାରସକଣା ବ୍ଲକ ଅଧୀନ ପାଣ୍ଡରା ପଞ୍ଚାୟତରେ ରଳାସାହିରେ ଥିବା ସୁବର୍ଣ୍ଣସରୀ ଯୁବକ ସଂଘ ଆନୁକୂଲ୍ୟରେ ୨ୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସଂଘର ସଭାପତି ଦିନବନ୍ଧୁ ଗରଗାଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଜାମତି ଫୁଟବଲ ଟିମ୍ ସହିତ ହାଡ଼ରୁ ଫୁଟବଲ ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍ ଅମୀମାଂସିତ ରହିବାରୁ ପେନାଲ୍‌ଟି ସଟ୍ ଖେଳା ଯାଇଥିଲା। ଏଥିରେ ୧-୦ ଗୋଲରେ ଜାମତି ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ରେଫରୀ ଭାବେ ରାଧାନାଥ ସିଂ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ସଂଘର ସମ୍ପାଦକ ରାଜୁ ଆଙ୍ଗାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ସଭାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ୮ରେ ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ
# ସ୍ଥିତି ଅନୁଧ୍ୟାନ କଲା ବିଜେଡି ପ୍ରତିନିଧି ଦଳ

ବାରିପଦା ଅଫିସ,୬।୧

ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ଆସନ୍ତା ୮ ତାରିଖରେ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ଭାରତ ବର୍ଷରେ ବଢ଼ି ଚାଲିଥିବା ଆର୍ଥିକ ସଙ୍କଟ, ନାଗରିକ ଅଧିକାର ଓ ସମ୍ବିଧାନ ଉପରେ ଆକ୍ରମଣ, ଧର୍ମ ଭିତ୍ତିରେ ଦେଶବାସୀଙ୍କୁ ବିଭାଜନ ବିରୋଧରେ ଓ ଶ୍ରମଜୀବୀ ଲୋକଙ୍କ ଅଧିକାର ରକ୍ଷା ଆଦି ବିଷୟ ଉପରେ ୧୨ ଦଫା ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଛି। ଅନ୍ୟପକ୍ଷେ ଏହି ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ

### ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ବାରିପଦା ଗସ୍ତ କାର୍ଯ୍ୟକ୍ରମ ରହିଛି। ଜିଲାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ବାରିପଦା ସହର ଉପକଣ୍ଠସ୍ଥ ବାଙ୍କିଶୋଳଠାରେ କିସ୍ ଭୁବନେଶ୍ୱରର ଏକ ଶାଖାକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଆଦାନି ଗ୍ରୁପର ଅଧକ୍ଷ ଗୌତମ ଏସ ଆଦାନି ଓ ଆଦାନି ଫାଉଣ୍ଡେଶନର ଚେୟାରପର୍ସନ ଡ. ପ୍ରୀତି ଜି ଆଦାନୀ ମଧ ଯୋଗ ଦେବେ। ଏହି ଅବସରରେ କିସ୍ ଶାଖା ପରିସରରେ ୫୦ ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ ମଧ ଉଦ୍‌ଘାଟନ ହେବ। ଏଥିପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଜୋରସୋର କରୁଛି। କାର୍ଯ୍ୟକ୍ରମ ଦିନ କୌଣସି ବିଶୃଙ୍ଖଳା ନ ଘଟିବା ପାଇଁ ସୁରକ୍ଷା ବ୍ୟବସ୍ଥା ପ୍ରତି ଜିଲା ପୋଲିସ ବିଭାଗ ଦୃଷ୍ଟି ଦେଇଛି। ସେହିପରି ଜିଲା ବିଜେଡି ଶିବିରରେ ମଧ ମୁଖ୍ୟମନ୍ତ୍ରୀଙ୍କ


ବିଜେଡି ପ୍ରତିନିଧି ଦଳ କିସ୍ ପରିସରରେ ଉଦ୍‌ଘାଟିତ ହେବାକୁ ଥିବା ଚିକିତ୍ସାଳୟ ସ୍ଥାନ ଅନୁଧ୍ୟାନ କରୁଛନ୍ତି।

ଗସ୍ତକୁ ନେଇ ଚଳଚଞ୍ଚଳ ଦେଖାଦେଇଛି। ଜିଲାର ନେତୃବୃନ୍ଦମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ପ୍ରକାଶ ମହାନ୍ତି ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ନେତୃବୃନ୍ଦଙ୍କ ଏକ ପ୍ରତିନିଧି ଦଳ କିସ୍ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସେହିପରି ଉକ୍ତ ଦିନ ଧର୍ମଘଟକୁ ସଫଳ କରିବା ପାଇଁ ମୋଟର ପରିବହନ ଶ୍ରମିକ ସଂଘ ତରଫରୁ ବାରିପଦା ମ୍ୟୁନିସିପାଲିଟି ବସଷ୍ଟାଣ୍ଡଠାରେ ସଂଘର ସଭାପତି ରଘୁନାଥ ପଣ୍ଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମହାସଂଘ ଓ ପାରାଦୀପ ବନ୍ଦର ଶ୍ରମିକ ସଂଘର ସମ୍ପାଦକ ଉଲ୍ଲାସ ସ୍ୱାଇଁ ଯୋଗ ଦେଇ କେନ୍ଦ୍ର ସରକାର ମୋଟରଯାନ ଆଇନକୁ ପରିବର୍ତ୍ତନ କରିବା ପାଇଁ କହିଥିଲେ। ସିଟୁର ସଭାପତି ରବି ଗୋସ୍ୱାମୀ ମଧ ଏଥିରେ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଯୋଗୁ ଶ୍ରମ ଆଇନ ସଂକୋଚନ, ଦରଦାମ ବୃଦ୍ଧି, ଚାଷୀ ଆତ୍ମହତ୍ୟା ସହିତ ଭାରତୀୟ ନିରାପତ୍ତା ବିପନ୍ନ ହୋଇପଡିଛି ବୋଲି କହିଥିଲେ। ସଂଘର ସାଧାରଣ ସମ୍ପାଦକ ମନୋରଞ୍ଜନ ପରିଡ଼ା, ଗଙ୍ଗାଧର ସାମଲ, ଅକ୍ଷୟ ଖୁଣ୍ଟିଆ, ଅଶୋକ ଭଞ୍ଜଦେଓ, ଜୟନାରାୟଣ ଷଡ଼ଙ୍ଗୀ, ନିକୁଞ୍ଜ ବସନ୍ତରାୟ, ସୁବାସ ଚନ୍ଦ୍ର ତ୍ରିପାଠୀ, ଅମଲ ଦେ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ସେହିପରି ସିପିଆଇ, ସିପିଆଇ(ଏମ) ଓ ଏସୟୁସିଆଇ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଭାରତ ବନ୍ଦ କରାଯିବ ବୋଲି ସିପିଆଇ ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ବିରୋଧ କରିବ ବଜରଙ୍ଗ ସେନା

ବାରିପଦା ଅଫିସ,୬।୧

ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରିପଦା ଗସ୍ତ କାର୍ଯ୍ୟକ୍ରମ ରହିଛି। ଜିଲାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ବାରିପଦା ସହର ଉପକଣ୍ଠସ୍ଥିତ ବାଙ୍କିଶୋଳଠାରେ କିସ୍ ଭୁବନେଶ୍ୱରର ଏକ ଶାଖାକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ମୁଖମନ୍ତ୍ରୀଙ୍କ ଏହି ଗସ୍ତକୁ କଳା ପତାକା ଦେଖାଇ ବିରୋଧ କରାଯିବ ବୋଲି ବଜରଙ୍ଗ ସେନାର ଉପଦେଷ୍ଟା କୁମାର ମଙ୍ଗଳମ୍ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବାରିପଦା ଅର୍ବାନ କୋଅପରେଟିଭ ବ୍ୟାଙ୍କର ପୁନଃ ପରିଚାଳନା ଓ ଚିଟଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବିରେ ଏହି ବିରୋଧ କରାଯିବ। ସରକାରୀ ସଭାରେ ବହୁଥର ଖୋଦ ମୁଖ୍ୟମନ୍ତ୍ରୀ ବ୍ୟାଙ୍କ ପରିଚାଳନା ପାଇଁ ପଦକ୍ଷେପ ନେବେ ବୋଲି କହିଥିବା ବେଳେ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେନାର ଜିଲା ସଭାପତି କାର୍ତ୍ତିକ ମହାନ୍ତ କହିଛନ୍ତି। ବ୍ୟାଙ୍କ ପରିଚାଳନା ନ ହେବାରୁ ଜମାକାରୀମାନେ ନିଜ ଟଙ୍କା ନ ପାଇ ଅସୁବିଧା ଭୋଗୁଛନ୍ତି। ଋଣ ନେଇଥିବା ବ୍ୟକ୍ତିମାନଙ୍କଠାରୁ ମଧ ଟଙ୍କା ଆଦାୟ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଋଣ ଟଙ୍କା ଆଦାୟ ହେଲେ ଜମାକାରୀମାନେ ସୁବିଧାରେ ସେମାନଙ୍କ ଜମା ଟଙ୍କା ଫେରିପାଇବେ ବୋଲି ସେନା ଯୁକ୍ତି ବାଢ଼ିଛି।

# କପ୍ତିପଦା ତହସିଲ ଆଗରେ ବିକ୍ଷୋଭ



ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କପ୍ତିପଦା,୬।୧(ଡ଼ି.ଏନ୍.ଏ.)

ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମ୍‌ଏସ୍) ପକ୍ଷରୁ କପ୍ତିପଦା ତହସିଲଦାରଙ୍କ ଅଫିସ୍ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ସଂଖ୍ୟାରେ ଆଦିବାସୀ ମହିଳା, ପୁରୁଷ, ଛୋଟଛୋଟ ପିଲାମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ବିକ୍ଷୋଭ ପୂର୍ବରୁ ସ୍ଥାନୀୟ ଗାନ୍ଧୀ ଛକଠାରୁ ହାତରେ ପ୍ଲାକାର୍ଡ଼, ବ୍ୟାନର୍ ଧରି ଦଖଲୀକୃତ ଜମିକୁ ପଟ୍ଟା ଦିଅ, ଏନ୍‌କ୍ରୋଚ୍‌ମେଣ୍ଟ ଫାଇନ୍ ବନ୍ଦ କର ଆଦି ଦାବି ନେଇ କପ୍ତିପଦା ତହସିଲଦାରଙ୍କ ଅଫିସ୍ ସମ୍ମୁଖରେ ସମବେତ ହୋଇଥିଲେ। ଏଆଇକେକେଏମ୍‌ଏସ୍‌ର ମୟୂରଭଞ୍ଜ ଜିଲା କମିଟି-୨ର ସଭାପତି କମ୍ରେଡ ସାଦ ବଦ୍ରାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭ ସମାବେଶରେ ମୁଖ୍ୟବକ୍ତାଭାବେ ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୁର ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଯୋଗଦେଇ ପୁରୁଷାନୁକ୍ରମେ ଦଖଲ କରିଆସୁଥିବା ଆଦିବାସୀମାନଙ୍କ ଜମି ସେମାନଙ୍କ ନାମରେ ପଟ୍ଟା ଦେବା ପରିବର୍ତ୍ତେ ବନୀକରଣ, ଶିଳ୍ପାୟନ ଆଦି ନାଁରେ କିଭଳି ଭାବେ ସେମାନଙ୍କ ଭିଟାମାଟିରୁ ଉଚ୍ଛେଦ କରାଯାଉଛି, ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ସେମାନଙ୍କ ଜମି ପଟ୍ଟା ଦେବା ଦାବିରେ ଦୀର୍ଘସ୍ଥାୟୀ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଜିଲା ସମ୍ପାଦକ କମ୍ରେଡ ବାଙ୍ଗରା ଉଗ୍ରସାଣ୍ଡି, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର କପ୍ତିପଦା ଆଞ୍ଚଳିକ କମିଟିର ସମ୍ପାଦକ ତଥା ବରିଷ୍ଠ କୃଷକ ନେତା କମ୍ରେଡ ଶ୍ୟାମ ବାନରା, ସୁବୁଦ୍ଧିଆ ହାଇବ୍ରୁ, ଯୁବରାଜ ସାମାଡ଼ ଓ ଉଦୟ ସାମାଡ଼ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ୬ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର କପ୍ତିପଦା ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

## ରବର ଚାଷ ପ୍ରକଳ୍ପରେ ଅନିୟମିତତା
# କରଞ୍ଜିଆ ଆଇଟିଡିଏ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ


ଆଇଟିଡିଏ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛି।

ଠାକୁରମୁଣ୍ଡା,୬।୧(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ରେ ସୋମବାର ବାରିପଦା ଭିଜିଲାନ୍ସ ବିଭାଗ ଚଢାଉ କରିଛି। ଉପଖଣ୍ଡର ବିଭିନ୍ନ ସ୍ଥାନରେ ରବର ଚାଷ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଏହି ଚଢାଉ କରାଯାଇଛି। ଭିଜିଲାନ୍ସ ଡିଏସପି ଶରତ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଆଇଟିଡିଏ କାର୍ଯ୍ୟାଳୟରେ ପହଞ୍ଚି ରବର ଚାଷ ସମ୍ପର୍କିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଆଇଟିଡିଏ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦୧୩ରୁ୨୦୧୮ ପର୍ଯ୍ୟନ୍ତ ୬ ବର୍ଷ ମଧ୍ୟରେ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ୧୨୫ ଏକର ଜମିରେ ରବର ଚାଷ କରାଯାଇଥିବା ଦର୍ଶାଯାଇଥିଲା। ଜିଲାରେ ଏହି ଚାଷ ଆରମ୍ଭ ହୋଇଥିବାରୁ ସେତେବେଳେ ରବର ବୋର୍ଡ ମଧ୍ୟ ଗଠନ କରାଯାଇଥିଲା। ତେବେ କାଗଜପତ୍ରରେ ଚାଷ ହୋଇଥିବା ଦର୍ଶାଯାଇଥିବା ବେଳେ ଲଗାଯାଇଥିବା ସ୍ଥାନରେ ଗଛ ନ ଥିବା ଅଭିଯୋଗ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଭିଜିଲାନ୍ସ ପକ୍ଷରୁ ତନାଘନା ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ଦନ୍ତା ଉତ୍ପାତ, ସନ୍ଧ୍ୟା ହେଲେ ରାସ୍ତା ଶୂନଶାନ


ଉତ୍ପାତ ଚଳାଇଥିବା ଦନ୍ତା।

କୁଆଁମରା,୬।୧(ଡ଼ି.ଏନ୍.ଏ.)

ବାଟବଣା ହୋଇ ଘୁରି ବୁଲୁଥିବା ଦନ୍ତା ଉତ୍ପାତ ଆରମ୍ଭ କରିଛି। ଗୋପବନ୍ଧୁ ନଗର ଓ ବଡସାହି ବ୍ଲକ ସୀମା କାହ୍ନୁପୁରା ଜଙ୍ଗଲରେ ୫ ଦିନ ହେବ ଦନ୍ତାଟି ରହୁଛି। ରାତି ହେଲେ ଆଖପାଖ ଗ୍ରାମରେ ଉତ୍ପାତ କରୁଛି। ଫଳରେ ସନ୍ଧ୍ୟା ହେଲେ ରାସ୍ତାଘାଟ ଶୁନଶାନ ହୋଇ ପଡୁଛି। ରବିବାରଠାରୁ ବାଲିଚିଲିମା, ନୂଆସାହି ଓ ବାଗୁଡିସାହି ଗ୍ରାମର ବିଭିନ୍ନ ଲୋକଙ୍କ ଧାନ ଖଳାରେ ପଶି କ୍ଷୟକ୍ଷତି ଘଟାଇ ଥିବା ଜଣାପଡ଼ିଛି। ଦନ୍ତା ପାଇଁ ଗତ ୨ ତାରିଖଠାରୁ ରାତି ସମୟରେ ଅଞ୍ଚଳରେ ବିଦ୍ୟୁତ୍ କାଟ୍ କରାଯାଉଛି। ତେବେ ସୋମବାର ଅପରାହ୍ନରେ ବାରିପଦା ଓ ବଡସାହି ବନବିଭାଗ କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ଦନ୍ତାକୁ ଠାବ କରିବା ସହ ଘଉଡାଇବାକୁ ଚେଷ୍ଟା ଜାରି ରଖିଛନ୍ତି।

## ୯୧ ଅଭିଯୋଗର ଶୁଣାଣି

ବାରିପଦା ଅଫିସ,୬।୧

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଚଳିତ ସୋମବାର ଜିଲା ସଦର ମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫାସିଲେସନ କେନ୍ଦ୍ରଠାରେ ଅନୁଷ୍ଠିତ ଉକ୍ତ ଶିବିରରେ ମୋଟ ୯୧ଟି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି ହୋଇଥିଲା । ଏଥିରେ ୮୦ଟି ବ୍ୟକ୍ତିଗତ ଓ ୧୧ଟି ସାମୁହିକ ସମସ୍ୟା ସମ୍ପର୍କୀତ ଅଭିଯୋଗ ଥିଲା। ଶୁଣାଣିରେ ଜିଲାପାଳ ୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୮ ହଜାର ଆର୍ଥିକ ସହାୟତା ମଞ୍ଜୁର କରିଥିଲେ। ଏଥିରେ ୯ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିବାବେଳେ ଅନ୍ୟାନ୍ୟ ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲାପାଳ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲ୍ଲିକ, ସହକାରୀ ଜିଲାପାଳ ତଥା ଆଇଏଏସ ପ୍ରବେସନର ଭୁବନେଶ୍ୱର ଦେବୀଦାସ ପାଟିଲ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିମନ୍ୟୁ ନାୟକ, ପିଏଆଇଟିଡିଏ, ବାରିପଦା ବିଜନ କୁମାର ଅମ୍ବ, ଏଡିଏମଓ ମେଡିକାଲ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗ ଜିଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡର ସମସ୍ତ ତହସିଲଦାର, ବିଡିଓ ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲା ଜରୁରୀ ଅଧିକାରୀ ତଥା ପିଜିସେଲ ନୋଡାଲ ଅଧିକାରୀ, ସୁଜୟ କୁମାର ପତି ଓ ଜିଲା ସମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀ ଏବଂ ପିଜିସେଲ ଓ ଜିଲା ଜରୁରୀ ବିଭାଗର ସମ୍ପୃକ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଏସ୍‌ଭିଏସ୍‌ର ବାର୍ଷିକ ଉତ୍ସବ

ବାରିପଦା ଅଫିସ,୬।୧

ବାରିପଦା ସହର ଉପକଣ୍ଠ ଶିରିଶବଣିସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ (ଏସ୍‌ଭିଏସ୍)ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅତିରିକ୍ତ ଏସପି ଅଭିମନ୍ୟୁ ନାୟକ ମୁଖ୍ୟଅତିଥି, ଲକ୍ଷ୍ମୀକାନ୍ତ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପା ପାତ୍ର ମୁଖ୍ୟବକ୍ତା ଓ ଏସଭିଏସର ସମ୍ପାଦକ ଅଜୟ କୁମାର ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ବୀଣାପାଣି ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ ପତ୍ରିକା ମୟୂରୀକା ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ସର୍ବାଧିକ ଉପସ୍ଥାନ ଥିବା ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ବିଶ୍ୱରଞ୍ଜନ ନାୟକ, ସିକ୍ୟୁରିଟି ପ୍ରମୋଦ ହେମ୍ବ୍ରମ ଓ ରୋଷେୟା କମଳାକାନ୍ତ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟରେ ସର୍ବାଧିକ ଉପସ୍ଥାନ ପାଇଁ କେଜି-୨ର ଛାତ୍ର ସୋହନ ହାଁସଦା, ଷଷ୍ଠ ଶ୍ରେଣୀର ସୋହମ ମାଇତି, ଅଷ୍ଟମ ଶ୍ରେଣୀର ସତ୍ୟଜିତ ଧଳ ଓ ଦଶମ ଶ୍ରେଣୀର ସୁଦୀପା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ପାଇଁ ଛାତ୍ର ଅନୁରାଗ ସିଂଙ୍କୁ ହେଡ ବୟ, ସୂର୍ଯ୍ୟନିତ ଦଣ୍ଡପାଟଙ୍କୁ ଆସିଷ୍ଟାଣ୍ଟ ହେଡବୟ, ତନିଷ୍ଠା ଦାସଙ୍କୁ ହେଡ ଗାର୍ଲ ଓ ପୁଣ୍ୟବତୀ ସୋରେନଙ୍କୁ ଆସିଷ୍ଟାଣ୍ଟ ହେଡଗାର୍ଲ ଭାବେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସହ ସଂଯୋଜକ ସନ୍ଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଋତୁପର୍ଣ୍ଣା ଭଟ୍ଟାଚାର୍ଯ୍ୟ ଓ ସୋମା ମେଟ୍ଟା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିମାନେ ବିଦ୍ୟାଳୟର ବାର୍ଷିକ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ସମସ୍ୟାରେ କୁଆଁମରା ମ.ଇ. ବିଦ୍ୟାଳୟ

କୁଆଁମରା,୬।୧(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆଁମରା ମ.ଇ ବିଦ୍ୟାଳୟ ପ୍ରଶାସନିକ ଅବହେଳାର ଶିକାର ହୋଇଛି। ରାଜରାଜୁଡା ଅମଳରୁ ୧୮୯୨ ମସିହାରେ ପ୍ରତିଷ୍ଠିତ ଏହି ପୁରାତନ ବିଦ୍ୟାଳୟରେ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଶିକ୍ଷା ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି ପ୍ରତିକାର କରାଯାଉ ନାହିଁ।

୨୦୧୯ ମେ ୧୫ ତାରିଖ କାଳବୈଶାଖୀରେ ଉକ୍ତ ବିଦ୍ୟାଳୟ ଶ୍ରେଣୀଗୃହର ଆଜବେଷ୍ଟ ଭାଙ୍ଗି ଚୂରମାର ହୋଇଯାଇଥିଲା। କ୍ଷୟକ୍ଷତିକୁ ୯ମାସ ପୂରିବାକୁ ବସିଥିଲେ ମଧ ଅଦ୍ୟାବଧି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏଠାରେ ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିଲା। ୧୯୯୫ ମସିହାରେ ଶିକ୍ଷକ ଅଭାବରୁ ଦୁଇଟି


ମରାମତି ନ ହୋଇ ପଡ଼ି ରହିଥିବା ବିଦ୍ୟାଳୟର ଆଜବେଷ୍ଟସ ଗୃହ।

ଶ୍ରେଣୀ ଚତୁର୍ଥ ଓ ପଞ୍ଚମ ଶିକ୍ଷାଦାନ ବନ୍ଦ ହୋଇଗଲା। ତେବେ ୨୦୧୭ରେ ଅଷ୍ଟମ ଶ୍ରେଣୀ ମିଶ୍ରଣ ହେବା ପରେ ଏବେ ଏଠାରେ ମୋଟ ୧୨୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପାଠ ପଢ଼ିବାକୁ ଆବଶ୍ୟକ ଗୃହ ଅଭାବ ଯୋଗୁ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୫ବର୍ଷ ତଳେ ଡିପିଇପି ଅନୁଦାନରେ ନିର୍ମିତ ଗୋଟିଏ ଛାତ ଘରେ ସବୁ ପିଲା ଏକାଠି ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଚିଠି ନଂ. ୨୨୦୮ ଜୁଲାଇ ୧୫ ତାରିଖରେ ଜିଲା ଶିକ୍ଷା ବିଭାଗ ଗୃହ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ଲକ ପ୍ରଶାସନ ମରାମତି ପାଇଁ ପଞ୍ଚାୟତକୁ ଦାୟିତ୍ୱ ଦେବା ପରେ ପଞ୍ଚାୟତ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭ ହେବାର ୨ ମାସ ବିତି ଯାଇଥିଲେ ମଧ ଛପର ମରାମତି କାମ ସରିନି। ଫଳରେ ପାଠପଢା ଓ ମଧ୍ୟାହ୍ନଭୋଜନ କ୍ଷେତ୍ରରେ ଛାତ୍ରୀଛାତ୍ର ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ମରାମତି କରିବା ପାଇଁ ଅଭିଭାବକମାନଙ୍କ ମହଲରେ ଦାବି ହେଉଛି। ଏ ନେଇ ନାଏବ ସରପଞ୍ଚ ତୁଷାରକାନ୍ତ ନାୟକଙ୍କୁ ପଚାରିବାରୁ ଅର୍ଥ ମଞ୍ଜୁର ସରିଛି। କେତେକ କାରଣରୁ ବିଳମ୍ବ ଘଟିଛି। ତେବେ ଖୁବ୍‌ଶୀଘ୍ର ମରାମତି କରାଯିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଉଚ୍ଚ ରକ୍ତଚାପ ଯୋଗୁ ମହିଳାଙ୍କ ମୃତ୍ୟୁ

ଢେଙ୍କିକୋଟ, ୬।୧(ଡି.ଏନ୍.ଏ.)- ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖୁଦପୁଟୁଳି ଗ୍ରାମର ସମ୍ବାରୀ ମୁଣ୍ଡା(୫୫) ନାମ୍ନୀ ଜଣେ ମହିଳାଙ୍କ ଉଚ୍ଚ ରକ୍ତଚାପ ଯୋଗୁ ମୃତ୍ୟୁ ଘଟିଛି। ଗତ ଶନିବାର ସନ୍ଧ୍ୟାରେ ସେ ମୁଣ୍ଡ ବୁଲାଉଛି ବୋଲି ଘର ଲୋକଙ୍କୁ କହିଥିଲେ। ଫଳରେ ଘର ଲୋକେ ତାଙ୍କୁ ତୁରନ୍ତ ପାଟଣା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, କନଷ୍ଟେବଲ ମାନସ ରଞ୍ଜନ ରାଉତ, ପାଟଣା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୦) ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

### ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଯୋଡ଼ା, ୬।୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର କଳାପାହାଡ ଛକଠାରେ ଜଣେ ମହିଳାଙ୍କୁ ମାଡ ମାରିବା ଅଭିଯୋଗରେ ଯୋଡା ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରିଛି । ପୋଲିସ ସୂଚନାନୁଯାୟୀ ଗତ ଶୁକ୍ରବାର କଳାପାହାଡ ଛକଠାରେ ଯୋଡା ଶାସ୍ତ୍ରୀନଗରରେ ରହୁଥିବା ସମ୍ପୃକ୍ତ ମହିଳାଙ୍କୁ ଯୋଡାସ୍ଥିତ ନେପାଳି ହଟିଂର ଯୁବକ ଗିରି ନାଏକ ଅତ୍ୟଧିକ ମଦ୍ୟପାନ କରି ଅତର୍କିତ ଭାବେ ଆକ୍ରମଣ କରିଥିଲେ । ସେଠାରୁ ସେ ଦୌଡି ପଳାଇ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଯୋଡା ପୋଲିସ ଏକ ମାମଲା (ନଂ.୦୮/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ ନେପାଳୀ ହଟିଂସ୍ଥିତ ବାସଗୃହରୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ଢେଙ୍କିକୋଟ, ୬।୧(ଡି.ଏନ୍.ଏ.)- ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନ୍ତରାପୁର ଗ୍ରାମପଞ୍ଚାୟତ ଛତିଆ ଗ୍ରାମରେ ଜଣେ ଯୁବତୀ ନିଜ ଶୋଇବା ଘର ସଙ୍ଗାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଲେ ରୋଜାଲିନ୍ ପ୍ରଧାନ(୧୯)। ସେ ଗତ ଶନିବାର ଅପରାହ୍ନରେ ନିଜ ମୋବାଇଲ୍ ଫୋନ୍ ଯୋଗେ କାହା ସହିତ ବାର୍ତ୍ତାଳାପ କରି ରାଗରେ ମୋବାଇଲକୁ ଭାଙ୍ଗି ଦେଇଥିଲେ ଏବଂ ନିଜ ଶୋଇବା ଘର ଭିତର ପଟୁ କବାଟ ଦେଇ ସଙ୍ଗାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହା ଏକ ପ୍ରେମଜନିତ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିବାବେଳେ ରାତି ୯ଟାରେ ଏ ସମ୍ପର୍କରେ ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, କନଷ୍ଟେବଲ ସୁଶିଲ ପ୍ରଧାନ, ମହିଳା କନଷ୍ଟେବଲ ଛବିରାଣୀ ନାଏକ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧/୨୦) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଘସିପୁରାରୁ ନାଗସାପ ଉଦ୍ଧାର



ଘସିପୁରା, ୬।୧(ଡି.ଏନ.ଏ.): ଆନନ୍ଦପୁର ପୌରାଂଚଳ ଅନ୍ତର୍ଗତ ୧୫ନଂ ୱାର୍ଡ ଘସିପୁରା ଅଞ୍ଚଳରୁ ସୋମବାର ବନ କର୍ମଚାରୀ ମାନେ ୫ଫୁଟର ଏକ ନାଗସାପ ଉଦ୍ଧାର କରିଛନ୍ତି। ସରସ୍ୱତୀ ଶିଶୁ ମନ୍ଦିର ଅଞ୍ଚଳରେ ଏହି ବିଷଧର ସାପ ଘୁରି ବୁଲୁଥିବା ଦେଖି ଅଂଚଳବାସୀ ଆନନ୍ଦପୁର ବନ୍ୟପ୍ରାଣୀ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ସ୍ନେକ ହେଲ୍ପ ଲାଇନ କର୍ମଚାରୀ ରଞ୍ଜନ ବିଶ୍ୱାଳ, ଦେବଦତ୍ତ ନାୟକ, ହରିହର ମୁର୍ମୁ, ସୌଭାଗ୍ୟ କୁମାର ଜେନା ପ୍ରମୁଖ ଉକ୍ତ ଅଞ୍ଚଳରେ ପହଞ୍ଚି ଚତୁରତାର ସହ ସାପଟିକୁ କାବୁ କରି ନେଇଥିଲେ। ପରେ ଏହି ସାପଟିକୁ ବନ ବିଭାଗ କର୍ମଚାରୀ ସ୍ଥାନୀୟ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା କଲେ

କେନ୍ଦୁଝର, ୬।୧(ଡି.ଏନ୍.ଏ.)



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

■ମାର୍ଚ୍ଚ ମାସ ମଧ୍ୟରେ ବାକି ଥିବା ଆବାସ ଗୃହ ନିର୍ମାଣ ଶେଷ ପାଇଁ ନିର୍ଦ୍ଦେଶ

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଚଳିତ ଜାନୁୟାରୀ ୬ ତାରିଖରେ କେନ୍ଦୁଝର ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସୋମବାର ଅପରାହ୍ନରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସରକାରଙ୍କର ବିଭିନ୍ନ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଆବାସ ଯୋଜନା ସରକାରଙ୍କର ଏକ ଅଗ୍ରାଧିକାର ଭିତ୍ତିକ ଯୋଜନା ହୋଇଥିବାରୁ ଏହା ଉପରେ ଗୁରୁତ୍ୱାରୋପ କରି ଚଳିତ ବର୍ଷ ମାର୍ଚ୍ଚ ମାସ ମଧ୍ୟରେ ବାକି ଥିବା ଆବାସ ଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବାସ ଯୋଜନାର ଅଗ୍ରଗତି ବ୍ଲକ୍ ୱାରୀ ସମୀକ୍ଷା କରି ଏ କ୍ଷେତ୍ରରେ ପଛୁଆ ଥିବା ବ୍ଲକ୍‌ମାନଙ୍କରେ ଆବାସ ଯୋଜନାର ସ୍ଥିତି, ମନ୍ଥରତାର କାରଣ ଓ ଏହାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରି ବିଡିଓମାନେ ମିଶନ୍ ମୁଡ୍‌ରେ ନିଷ୍ଠାର ସହିତ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଦିନ ନିଜ ବ୍ଲକ୍‌ର ଅଗ୍ରଗତି ପରିଚାଳନା କରି ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବାସ ଗୃହ ନିର୍ମାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ରାଜମିସ୍ତ୍ରୀ ଆବଶ୍ୟକତା ଦୃଷ୍ଟିରୁ ରାଜମିସ୍ତ୍ରୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ଏହି ସମୀକ୍ଷା ବୈଠକରେ ଉଦ୍‌ବୋଧନ ଦେଇ ପ୍ରମୁଖ ଶାସନ ସଚିବ ସିଂ କହିଥିଲେ ଯେ, କେନ୍ଦୁଝର ଜିଲା ଖଣିଜ ସମ୍ପଦରେ ଭରପୂର। ଏଣୁ କେନ୍ଦୁଝର ଜିଲା ଯେତିକି ପରିମାଣରେ ଲାଭ ପାଇବା କଥା ତାହା ପାଇ ପାରିନାହିଁ। ସେଥିପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଓ ଓମବାଡ୍‌ସି ବିନିଯୋଗରେ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଣୁ ଯୋଜନାବଦ୍ଧ ଭାବେ ଆକ୍ସନ୍‌ପ୍ଲାନ୍ ପ୍ରସ୍ତୁତ କରି ଅର୍ଥ ବିନିଯୋଗ କଲେ ଜିଲାର ଉନ୍ନତି ହୋଇପାରିବ ଏବଂ ଜିଲାବାସୀ ଉପକୃତ ହୋଇପାରିବେ। ଏଣୁ ବିଭାଗୀୟ ଅଧିକାରୀମାନେ ଏ ଦିଗରେ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଆଶିଷ ଠାକରେ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲାରେ ଚାଲିଥିବା ଉନ୍ନୟନ କାର୍ଯ୍ୟକ୍ରମ ଏବଂ ଡିଏମ୍‌ଏଫ୍ ଏବଂ ଓମବାଡ୍‌ସି ଅର୍ଥରେ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଡିଏମ୍‌ଏଫ୍ ପାଣ୍ଠିରେ ମହଜୁଦ୍ ଥିବା ଅର୍ଥ ତୁଳନାରେ ବିକାଶ କାର୍ଯ୍ୟକୁ ଖଣି ପ୍ରଭାବିତ ଅଞ୍ଚଳରେ ତଦନୁରୂପ ଭାବରେ ବିନିଯୋଗ କରିବାକୁ ପଦକ୍ଷେପ ନେବା ନିମନ୍ତେ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଭବିଷ୍ୟତର ଚାହିଦା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡିକର ଡିଜାଇନ୍ ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ସ୍ପେଶାଲ ପ୍ରୋଜେକଟ୍‌ସ ରାଜେଶ ପ୍ରଭାକର ପାଟିଲ୍, ଉପ-ଶାସନ ସଚିବ କୁଳମଣି ମିଶ୍ର, ଇଞ୍ଜିନିୟର୍ ଇନ୍-ଚିଫ୍ ଆର୍.ଏନ୍.ନାଏକ ଓ ପଞ୍ଚାୟତିରାଜ ବିଭାଗର ଅନ୍ୟାନ୍ୟ ଅଧିକାରୀ, ପିଡି ଡିଆର୍‌ଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀଙ୍କ ସମେତ ବିଭିନ୍ନ ବ୍ଲକ୍‌ର ବିଡିଓ, ଯନ୍ତ୍ରୀ ଏବଂ କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ। ରିପୋର୍ଟ ପ୍ରସ୍ତୁତ ବେଳକୁ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା ବୈଠକ ଜାରି ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରମୁଖ ଶାସନ ସଚିବ ଭୁବନେଶ୍ୱରରୁ କେନ୍ଦୁଝର ଜିଲାକୁ ଆସିବା ରାସ୍ତାରେ ଘଷିପୁରା ବ୍ଲକ୍‌ର ଖଲଣା ଗ୍ରାମ ପଞ୍ଚାୟତର ଅଗର୍ଦ୍ଦା ଗ୍ରାମ ପରିଦର୍ଶନ କରି ସେଠାରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ଗ୍ରାମୀଣ ଆବାସ ଯୋଜନାରେ ନିର୍ମିତ ଗୃହ ଦେଖିଥିଲେ ଏବଂ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜାନୁୟାରୀ ୭ ତାରିଖ ମଙ୍ଗଳବାର ଦିନ ପ୍ରମୁଖ ଶାସନ ସଚିବ ସିଂ କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବାର କାର୍ଯ୍ୟସୂଚୀ ରହିଛି।

## ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ

କେନ୍ଦୁଝର, ୬।୧(ସ୍ୱ.ପ୍ର.)

ତେଲକୋଇ ବନାଞ୍ଚଳ ଅଧୀନ ଖୁଣ୍ଟାପଡା ଗାଁରେ ହାତୀମାନେ ଆତଙ୍କ ଖେଳାଇଛନ୍ତି। ୫ଟିକିଆ ହାତୀପଲ ଗାଁରେ ପଶି ଖଳାରେ ଥିବା ଧାନକୁ ଖାଇବା ସହ ଧାନ ଜଗିବା ପାଇଁ ଥିବା ମଞ୍ଚାକୁ ଭାଙ୍ଗି ଦେଇଛନ୍ତି। ମଞ୍ଚାରେ ଶୋଇଥିବା ଚାଷୀ ମଦନ ସାହୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିଭଳି ଗାଁର ସୁଶାନ୍ତ ପ୍ରଧାନ, କପିକେତନ ପ୍ରଧାନ, ବିଭୂତି ପ୍ରଧାନଙ୍କର ପ୍ରାୟ ୩୦ ବସ୍ତା ଧାନ ମଧ୍ୟ ଖାଇଯାଇଛନ୍ତି। ତା' ସହିତ କଦଳୀ ଗଛ ଓ ନଡ଼ିଆ ଗଛକୁ ମଧ୍ୟ ନଷ୍ଟ କରିଛନ୍ତି। ସେପଟେ ବନବିହାରୀପୁର ଓ କନ୍ତଲେଇ ଗାଁରେ ମଧ୍ୟ ସମାନ ଅବସ୍ଥା। ସେଠାରେ କୋବି ଫସଲ ନଷ୍ଟ କରିବା ସହ ଘର ଭିତରୁ ଧାନ ବସ୍ତା ଟାଣି ଖାଇଯାଇଛନ୍ତି। ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବିଲରୁ ଧାନ ଅମଳ ସରିଯାଇଥିବାରୁ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହେଉଥିଲା ଜଣାପଡିଛି । ହାତୀପଲ ଗ୍ରାମ ପାଖରେ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏନେଇ ବନ ବିଭାଗ ହାତୀ ଉପରେ ନଜର ରଖିଛି।

## ପାଇଖାନା ନିର୍ମାଣରେ ଅନିୟମିତତା ଅଭିଯୋଗ

ହାଟଡିହୀ, ୬।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପଡିଆରିପଲ୍ଲି ପଞ୍ଚାୟତ ରେ ପାଇଖାନା ନିର୍ମାଣରେ ଅନିୟମିତତା ହୋଇଥିବା ଘଟଣା ଏବେ ପଦାକୁ ଆସିଛି। ଏହି ପଞ୍ଚାୟତରେ ଏକ ଗ୍ରୁପ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ନିର୍ମାଣ ଦାୟିତ୍ୱ ନେଇଥିଲେ। ପ୍ରତି ପାଇଖାନା ନିର୍ମାଣ ପାଇଁ ୧୨ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥାଏ । ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ ନ କରି ମିଥ୍ୟା ବିଲ୍ କରି ନେଇଥିବା ଜଣାପଡିଛି। ପରେ ବ୍ଲକ ତରଫରୁ କେତେ ସଂଖ୍ୟକ ପାଇଖାନା ନିର୍ମାଣ କରାଯାଇଛି ସଂପୃକ୍ତ ପଞ୍ଚାୟତରେ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ୨୭ଟି ପଇଖାନା ନିର୍ମାଣ ହୋଇ ନ ଥିବା ଜଣା ପଡିଥିଲା ବୋଲି ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ଉଛବ ଜେନା କହିଛନ୍ତି। ଏଥି ସହ ସଂପୃକ୍ତ ପଞ୍ଚାୟତର ପାଇଖାନା ନିର୍ମାଣ ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଥିବା ଯନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ପଞ୍ଚାୟତ ଏସିଏମ୍ ପ୍ରଭାତ ସା କହିଛନ୍ତି ଯେ ପାଇଖାନା ନିର୍ମାଣରେ କୌଣସି ଘୋଟାଲା ହୋଇନାହିଁ । ଏକ ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ଚମ୍ପୁଆ,୬।୧(ଡି.ଏନ.ଏ)

ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଚମ୍ପୁଆ ପ୍ରଶାସନ ପକ୍ଷରୁ ଚମ୍ପୁଆ ନଗରଭବନଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି,ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଏବଂ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସମେତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୂର୍ବ ବର୍ଷ ଭଳି ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ସୂଚାରୁରୁପେ ପାଳନ କରିବା ସହିତ ପ୍ରତ୍ୟୁଷରୁ ରାମଧୂନ, ପ୍ରଭାତଫେରୀ, ସାଢ଼େ ୭ଟାରେ ସରକାରୀ ଓ ବେସରକାରୀ ପତାକା ଉତ୍ତୋଳନ, ୯ ଘଟିକାରେ ନେହେରୁ ଷ୍ଟାଡିୟମଠାରେ ଜାତୀୟ ପତାକା ଉତ୍ତୋଳନ, ରୋଗୀଙ୍କୁ ଓ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଚଳିତ ବର୍ଷ ନୂତନ ଭାବେ ଏନସିସି ଓ ସ୍କାଉଟ ଗାଇଡଙ୍କୁ ପୁରସ୍କାର ପ୍ରଦାନ ଓ ପ୍ରଜ୍ଞାପନ ମେଢ କରାଯିବାକୁ ଉପଜିଲାପାଳ ପକ୍ଷରୁ ସୂଚନା ମିଳିଛି। ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏସ୍‌ଡିଆଇପିଆର ଓ ଜୟନ୍ତ କୁମାର ନାଏକ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରେଞ୍ଜର କାଶିନାଥ ମୁର୍ମୁ, ଏବିଡିଓ ଶରତ ଚନ୍ଦ୍ର ବାରିକ, ଏଡିଡବ୍ଲ୍ୟୁଓ ବିଜୟ କୁମାର ଗିରି, ଜେଲ ସୁପିରେଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ଓ ଏସଏସଏସଓ ପଦ୍ମନାଭ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଧାନବାଦ ରେଲୱେ ଚାମ୍ପିୟନ

କେନ୍ଦୁଝର, ୬।୧ (ସ୍ୱ.ପ୍ର.)



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ଓଡିଶା ଖଣି ନିଗମର ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୌହଖଣି ଆନୁକୂଲ୍ୟରେ ୧୪ତମ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ-୨୦୨୦ ରବିବାର ଉଦ୍‌ଯାପିତ ହୋଇଯାଇଛି। ବହୁ ଜାତୀୟ ତାରକା ଖଚିତ ଖେଳାଳୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଚିତ୍ତାକର୍ଷକ ଫାଇନାଲ ମ୍ୟାଚରେ ଧାନବାଦ ରେଲୱେ ୩-୧ସେଟରେ ଓଡିଶା ପୋଲିସକୁ ହରାଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ୮ହଜାର ଟଙ୍କା ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ୪ଟି ଦଳ ଯଥା ଓଡିଶା ପୋଲିସ, ପୂର୍ବତଟ ରେଳପଥ, ରାଇଜିଂ କ୍ଲବ(ରାଉରକେଲା), ଧାନବାଦ ରେଲୱେ ଅଂଶଗ୍ରହଣ କରିଥିଲେ। ଓଏମ୍‌ସି ଗନ୍ଧମାର୍ଦ୍ଦନ ଲୌହଖଣିର ରିଜିଓନାଲ ମ୍ୟାନେଜର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ନିଜ ବକ୍ତବ୍ୟରେ ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ କ୍ରୀଡାର ବିକାଶ ହୋଇପାରିଲେ ଅନେକ ସୁନାମଧନ୍ୟ କ୍ରୀଡାବିତ ବାହାରି ପାରିବେ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିନିୟର ମ୍ୟାନେଜର(ମାଇନିଂ) ଅମ୍ବିକା ପ୍ରସାଦ ମହାପାତ୍ର, ମ୍ୟାନେଜର(ପର୍ସନାଲ) ସଞ୍ଜିବ କୁମାର ସାମଲ, ଓଏମ୍‌ସି ରିକ୍ରେସନ କ୍ଲବର ସମ୍ପାଦକ ଦେବେନ୍ଦ୍ର କୁମାର ଦାସ, ଡେପୁଟି ମ୍ୟାନେଜର(ପର୍ସନାଲ) ଅମର ରଞ୍ଜନ ମହାନ୍ତି, ଡେପୁଟି ମ୍ୟାନେଜର (ସିକ୍ୟୁରିଟି) ସନାତନ ବେହେରା, ଓଏମସି ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସଂପାଦକ ପବିତ୍ର ମୋହନ ହୋତା ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ତାରାମଣୀ ନାୟକ, ତଳକଇଁସାରୀ ସରପଞ୍ଚ ଚୈତନ୍ୟ ଚରଣ ମଲ୍ଲିକ, କୁମୁଣ୍ଡି ସରପଞ୍ଚ ସୁକାନ୍ତୀ ଦେହୁରୀ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ସଭାପତି ବାବାଜି ଚରଣ ବାରିକ, ସମ୍ପାଦକ ଅଞ୍ଜନ କୁମାର ବେଜ, ନାଏବ ସରପଞ୍ଚ ପଞ୍ଚାନନ ବାରିକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ବେଷ୍ଟ ସେଟପର ଭାବେ ଧାନବାଦ ରେଲୱେର ଅବଦୁଲ ରେହମାନ, ବେଷ୍ଟ ଆଟାକର ଭାବେ ଓଡିଶା ପୋଲିସର ପପୁନା ସ୍ୱାଇଁ ଏବଂ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଧାନବାଦ ରେଲୱେ ଟିମର ମନୁ କୁମାରଙ୍କୁ ପୁରସ୍କୃତ କରାଯାଇଥିଲା।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ବାବା ଏକାଦଶ ଚାମ୍ପିୟନ




ବିଜୟୀ ଟିମ୍ ସହିତ ଅତିଥିଗଣ।

କେନ୍ଦୁଝର, ୬।୧ (ସ୍ୱ.ପ୍ର.)

ସଦର ବ୍ଲକ ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତ କେରୀ ଗ୍ରାମରେ ମା' ପୋଟଳପାଟ ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୮ ତମ ବାର୍ଷିକ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ବିରୋଧୀ ଦଳର ମୁଖ୍ୟ ସଚେତକ ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରକ ମାଲିକ ସଂଘର ଉପସଭାପତି ଦିଲୀପ ପଣ୍ଡା, ସମାଜସେବୀ ବେଣୁଧର ମହାନ୍ତ, ୱାର୍ଡ ମେମ୍ବର ଗଙ୍ଗାଧର ନାଏକ, ପୂର୍ବତନ ସରପଞ୍ଚ ଭାଗିରଥୀ ସିଂ ସମେତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲରେ ବାବା ଏକାଦଶ ବଡବିଲ ଓ ପୋଟଳ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାବା ଏକାଦଶ ୨୪ ରନରେ ବିଜୟୀ ହୋଇଛନ୍ତି। ଦିଲୀପ କୁମାର ପାତ୍ର ଓ ଉମାକାନ୍ତ ମହାନ୍ତ ଅମ୍ପାୟରିଂ କରିଥିଲେ। ଜଗଦାନନ୍ଦ ପାତ୍ର ଓ ସିପୁନ ମହାନ୍ତ ସ୍କୋରର ଥିବା ବେଳେ ତନ୍ମୟ କୁମାର ମହାନ୍ତ ଧାରା ବିବରଣୀ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ବେଣୁଧର ମହାନ୍ତ ସଭା ପରିଚାଳନା କରିଥିଲେ । କମିଟି ସଦସ୍ୟ ମାନେ ସହାୟତା କରିଥିଲେ ।

## ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଜିଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର, ୬।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଅନ୍ତର୍ଗତ ସିଲିଦା ପୁରୁଣାସାହିର ବିଦ୍ୟୁତ ଟ୍ରାନ୍ସଫର୍ମରଟି ଦୀର୍ଘଦିନ ହେବ ପୋଡି ଯାଇଥିବାବେଳେ ବିଦ୍ୟୁତ ବିଭାଗ ନୂତନ ଟ୍ରାନ୍ସଫର୍ମର ଲଗାଉନଥିବା ନେଇ ସୋମବାର ସିଲିଦା ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସିଲିଦା ଗ୍ରାମରେ ବିଦ୍ୟୁତ ବିଭାଗ ତରଫରୁ ଏକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଥିଲା। ଗ୍ରାମବାସୀ ମାତ୍ର ୧୫ଦିନ ବିଦ୍ୟୁତ ଜଳାଇବା ପରେ ଉକ୍ତ ଟ୍ରାନ୍ସଫର୍ମରଟି ପୋଡି ଯାଇଥିଲା। ବିଗତ ଅଗଷ୍ଟ ମାସରୁ ଟ୍ରାନ୍ସଫର୍ମରଟି ପୋଡି ଯାଇଥିବାବେଳେ ଏହା ଉପରେ ନିର୍ଭର କରୁଥିବା ପରିବାର ଲୋକେ ବର୍ତ୍ତମାନ ଅନ୍ଧାରରେ ରହୁଛନ୍ତି। ଏସଂପର୍କରେ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ଜିଲାପାଳ ଦୃଷ୍ଟି ଦେଇ ସିଲିଦା ପୁରୁଣାସାହିରେ ଟ୍ରାନ୍ସଫର୍ମର ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକଙ୍କ ଧାରଣା

କେନ୍ଦୁଝର, ୬।୧ (ସ୍ୱ.ପ୍ର.)

ନବ ନିର୍ମାଣ କୃଷକ ସଂଗଠନ, କେନ୍ଦୁଝର ଶାଖା ପକ୍ଷରୁ କାଳିଆ ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ଅସତ୍ୟ ଘଟଣାରେ ଚାଷୀ ସଂଗଠନ ସହିତ ତୁରନ୍ତ ଆଲୋଚନା କରିବା ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ସଂଖ୍ୟାରେ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନ ପୂର୍ବରୁ ସରକାର କାଳିଆ ଯୋଜନାରେ ଚାଷୀଙ୍କୁ ଯେଉଁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପାଳନ କରିବା ଏବଂ ବାଦ ପଡିଯାଇଥିବା କ୍ଷୁଦ୍ର , ନାମମାତ୍ର ଚାଷୀଙ୍କୁ ସାମିଲ କରି ସହାୟତା ଦେବାକୁ ଦାବି କରିଛନ୍ତି । ପ୍ରତିଶ୍ରୁତି ପାଳନ ହୋଇ ନ ଥିବାରୁ ଚାଷୀମାନେ ଆନ୍ଦୋଳନ ଜାରି ରଖିଥିବା ସଂଗଠନର ଜିଲା ଆବାହକ ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି ।




ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା।

## ଭିତ୍ତିଭୂମି ଅଛି, ମିଳୁନି ପ୍ରୋତ୍ସାହନ

# ଆଦିବାସୀ ହଳଦୀ ଚାଷୀ ଅବହେଳିତ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର ୬।୧

ବହୁ ବର୍ଷ ହେଲା ହଳଦୀ ଚାଷ କରି ଆସୁଛୁ। ଅଳ୍ପ ଜମିରେ ଏହି ଚାଷ କରୁଛୁ। ଏଥିପାଇଁ କିଏ ଆମକୁ ସହାୟତା ଦେଇ ନାହିଁ କିମ୍ବା ପ୍ରୋତ୍ସାହନ ଦେଉନାହାନ୍ତି। ଆଉ ଟିକେ ସୁବିଧା ମିଳିଲେ ଏବଂ ହଳଦୀ ବିକିବା ସୁବିଧା ହେଲେ ଅଧିକ ଚାଷ କରି ପାରନ୍ତୁ ଏବଂ ବହୁ ଲୋକ ଉପକୃତ ହୋଇ ପାରନ୍ତେ। ଏଭଳି କହିଛନ୍ତି ବାଂଶପାଳ ବ୍ଲକର କାଞ୍ଜିପାଣି, ବାୟାପଣ୍ଡାଧାର, ବାୟାକୁମୁଟିଆ ଆଦି ଅଞ୍ଚଳରେ ହଳଦୀ ଚାଷ କରି ଜୀବିକା ନିର୍ବାହ କରୁଥିବା ମହିଳା ଆଦିବାସୀ ଚାଷୀ । କୌଣସି ସୁବିଧା ନ ଥିବାରୁ ଏହି ମହିଳା ଚାଷୀମାନେ ବାଧ୍ୟ ହୋଇ ବୋଝ, ବସ୍ତାରେ ବୋହି ଦୀର୍ଘ ୨୦ କି.ମି. ଦୂର ଜିଲା ମୁଖ୍ୟାଳୟକୁ ବିକିବାକୁ ଆସୁଛନ୍ତି। ଜିଲା ମୁଖ୍ୟାଳୟ ବ୍ୟତୀତ ଜାତୀୟ ରାଜପଥ କଡରେ, ହାଟବଜାରରେ ହଳଦୀ ବିକି ଯାହା ମିଳେ ସେଥିରେ ତେଲଲୁଣ କିଣି ଫେରନ୍ତି। ଏହି ଅଞ୍ଚଳରେ ଆଦିବାସୀ ମହିଳାମାନେ ଏହି ଚାଷ କରିଥାନ୍ତି । ସେମାନଙ୍କୁ ନା ମିଳୁଛି ବିହନ ନା ମିଳୁଛି ସାର । ନା ମିଳୁଛି ଚାଷ ପ୍ରଣାଳୀ ସମ୍ପର୍କରେ ସୂଚନା । ଏଣୁ ନିଜ ଉଦ୍ୟମରେ ସେମାନେ ଚାଷ କରି ପରିବାର ଗୁଜୁରାଣ କରୁଛନ୍ତି । ଏହି ଚାଷ ପ୍ରତି ଆଦିବାସୀ ବିଶେଷ କରି ମହିଳାମାନଙ୍କ ଆଗ୍ରହ ଏବଂ ଏଥିପାଇଁ ଭିତ୍ତିଭୂମି ଅଛି କିନ୍ତୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି ।

ସ୍ୱାମୀକୁ ହରାଇ ଏଭଳି ବାୟାକୁମୁଟିଆ ଗ୍ରାମ କୁନ୍ତଳି ଠାକୁର ମୂଳ ମଜୁରି ସହିତ ବାଡିରେ ହଳଦୀ ଚାଷ କରି ପରିବାରରେ ୪ ସନ୍ତାନକୁ ଚଳାଉଥିବା କୁହନ୍ତି। ତାଙ୍କ ଗ୍ରାମରେ ଗୋଲାପ ନାଏକ, ବାହାନୀ ସନଗୀ, ମାଳତୀ ଠାକୁରଙ୍କ ଭଳି ୨୫/୩୦ ଘରର ମହିଳାମାନେ ଅଳ୍ପ ବହୁତ ବାଡିରେ ହଳଦୀ ଚାଷ କରିଥିବା କୁନ୍ତଳି କୁହନ୍ତି । ସରକାରୀ ସୁବିଧା ସେ ଅଞ୍ଚଳରେ ଅପହଞ୍ଚ । କାମଧନ୍ଦା ଲୋକଙ୍କୁ ମିଳୁନାହିଁ। ଏଣୁ ଅନେକେ ବାହାରକୁ କାମଧନ୍ଦା କରିବାକୁ ଚାଲିଯାଉଥିବା ବେଳେ ଏଭଳି ବହୁ ମହିଳାମାନେ ବାଡ଼ିବଗିଚାରେ ଚାଷ କରି ପେଟପୋଷୁଥିବା ସ୍ଥାନୀୟ ଲୋକେ କୁହନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ହଳଦୀ ଚାଷ ପାଇଁ ଅଧିକ ସମୟ ଦେବାକୁ ବା ଖର୍ଚ୍ଚାନ୍ତ ହେବାକୁ ପଡି ନ ଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ହାତୀମାନେ ବା ଗୃହପାଳିତ ପ୍ରାଣୀ ବା ବନ୍ୟପ୍ରାଣୀ ନଷ୍ଟ କରି ନ ଥାନ୍ତି। ଏହି ଜିଲାରେ ଏଭଳି ଚାଷ ବେଶ ଫଳପ୍ରଦ ହୋଇ ପାରିବ ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ଏଣୁ ଏହି ଚାଷ ପାଇଁ ସୁରକ୍ଷା ବ୍ୟବସ୍ଥା ଅର୍ଥାତ ବାଡ଼ର ଆବଶ୍ୟକତା ପଡେ ନାହିଁ । ସେହିପରି ଅଧିକ ଜଳର ମଧ୍ୟ ଆବଶ୍ୟକତା ନ ଥାଏ । ଏଣୁ କେନ୍ଦୁଝର ଭଳି ଜିଲାରେ ଏହି ଚାଷ ବେଶ ଲାଭଜନକ ବୋଲି ମହିଳା ଚାଷୀ କହିଛନ୍ତି। ଆଦିବାସୀ ଅଞ୍ଚଳ ତଥା ସମତଳ ଅଞ୍ଚଳରେ କରାଯାଇଥିବା ଆମ୍ବ ବା ଅନ୍ୟାନ୍ୟ ଚାଷ ମଧ୍ୟରେ ଇଣ୍ଟର କ୍ରପିଂ ଭାବରେ ହଳଦୀ ଚାଷ କରାଯାଇପାରିବ। ଏଥିପାଇଁ କେନ୍ଦୁଝରର ଜଳବାୟୁ ଓ ମାଟି ବେଶ୍ ଉତ୍କୃଷ୍ଟ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ପୂର୍ବତନ ବରିଷ୍ଠ ବୈଜ୍ଞାନିକ ଡ. ସୁଜିତ ନାଥ କହିଛନ୍ତି।

ଉପନିର୍ଦ୍ଦେଶକ ଉଦ୍ୟାନ ଓମ୍ ପ୍ରକାଶ ରଥ ମହାପାତ୍ର କହିଛନ୍ତି ଯେ, ଜିଲାର ବାଂଶପାଳ ବ୍ଲକର ଜଙ୍ଗଲ ଓ ମାଟି ହଳଦୀ ଚାଷ ପାଇଁ ଉପଯୋଗୀ । ଏଣୁ ହଳଦୀ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ଯୋଜନା ନାହିଁ। ବର୍ତ୍ତମାନ ଆଇଟିଡିଏ ଜରିଆରେ ବାଂଶପାଳ ବ୍ଲକରେ କେତେକ ଚାଷୀ ଏହି ଚାଷ କରୁଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ଜରିଆରେ ଏହାକୁ ପ୍ରୋତ୍ସାହିତ କରିବା ସହ ଜିଲା ଖଣିଜ ପାଣ୍ଠିରୁ ଏହି ଚାଷ କରି ଅନ୍ୟୂନ ୧୦୦ ଆଦିବାସୀ ଚାଷୀଙ୍କୁ ସ୍ୱାବଲମ୍ବୀ କରିବାକୁ ଉଦ୍ୟମ କରାଯାଉଛି। ଏହା ହେଲେ ଆଦିବାସୀଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହୋଇପାରିବ। ହଦଳୀ ଏକ ଲାଭଜନକ ଚାଷ । ଏହାକୁ ପ୍ରକ୍ରିୟାକରଣ କରାଯାଇ ହଳଦୀ ଗୁଣ୍ଡ ପ୍ରସ୍ତୁତ କରାଯାଇପାରିବ ଏବଂ ପ୍ୟାକେଟ କରି ବଜାରକୁ ଛଡ଼ା ଯାଇପାରିବ । ହଳଦୀର ଚାହିଦା ବଜାରରେ ବହୁତ ଥିବାରୁ ଅନ୍ୟୂନ ଜିଲାର ଆବଶ୍ୟକତା ପୂରଣ ହେବା ସହ ବାହାରକୁ ପଠାଯାଇପାରିବ । ଏଥିରେ ବହୁ ଲୋକ କାମଧନ୍ଦା ପାଇବେ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅବସରପ୍ରାପ୍ତ କେନ୍ଦ୍ର ସରକାର ଅଧିକାରୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି।




# ଜେସିବି ଦ୍ୱାରା ନିମ୍ନମାନର ରାସ୍ତାକୁ ତଡ଼ାଗଲା

ରୂପ୍‌ସା,୬।୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ବସ୍‌ଷ୍ଟାଣ୍ଡଠାରୁ ଗେଟ୍‌ବଜାର ପର୍ଯ୍ୟନ୍ତ ନିର୍ମାଣଧୀନ କଂକ୍ରିଟ୍ ରାସ୍ତାକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ନିମ୍ନମାନର କାମ ହେଉଥିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ସେମାନେ ରାସ୍ତାକୁ କଟାଯାଇ ସାନି ନିର୍ମାଣ କରାଯାଉ ବୋଲି ଦାବି କରିଥିଲେ। ଖବର ପାଇ ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ନାୟକ ସେଠାରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକେ ଜିଦ୍‌ରେ ଅଟଳ ରହି ତାଙ୍କୁ ସେଠାରେ ୫ଘଣ୍ଟା ଅଟକ ରଖିଥିଲେ। ବିଭାଗୀୟ ଏସ୍‌ଡ଼ିଓ ମନୋରଞ୍ଜନ ବେହେରା

## ୫ଘଣ୍ଟା ପରେ ମୁକୁଳିଲେ ସହକାରୀ ଯନ୍ତ୍ରୀ



ଘଟଣାସ୍ଥଳରେ ଉତ୍ତେଜନା।

ପହଞ୍ଚି ବୁଝାଶୁଝା କରିବା ପରେ ଲୋକେ ସହକାରୀ ଯନ୍ତ୍ରୀଙ୍କୁ ଛାଡିଥିଲେ। ଏସ୍‌ଡ଼ିଓ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ୧୫ ଫୁଟ୍ ରାସ୍ତାକୁ ଜେସିବିରେ କାଟି ନୂତନ ଭାବେ ନିର୍ମାଣ କରାଯିବାରୁ ଅବସ୍ଥା ଶାନ୍ତ ପଡିଥିଲା।

ଉଲ୍ଲେଖନୀୟ ଯେ, ରୂପ୍‌ସା ବସ୍‌ଷ୍ଟାଣ୍ଡରୁ ଗେଟ୍‌ବଜାର ପର୍ଯ୍ୟନ୍ତ ୪କି.ମି. ରାସ୍ତାର ପ୍ରଶସ୍ତୀକରଣ ସହ ପୁନଃ ନିର୍ମାଣ ଲାଗି ସରକାରଙ୍କ ୱାର୍କ୍ସ ଡିପାର୍ଟମେଣ୍ଟ ତରଫରୁ ୪କୋଟି ୮୦ଲକ୍ଷ ୫ହଜାର ୫୦୪ ଟଙ୍କା ବ୍ୟୟ ମଞ୍ଜୁର ହୋଇଛି। ତଦନୁଯାୟୀ ପରେ ଟେଣ୍ଡର କରାଯାଇ ଠିକାଦାରଙ୍କ ଜରିଆରେ ପ୍ରାୟ ବର୍ଷକ ତଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାମ ନିମ୍ନମାନର ହେବାରୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହାର କିଛିଇ ପ୍ରତିକାର ନ ହେବାରୁ ସୋମବାର ଲୋକେ ରାସ୍ତାକୁ ଓହ୍ଲାଇ ନିର୍ମାଣ କାମ କରାଇ ଦେଇ ନ ଥିଲେ। ସହକାରୀ ଯନ୍ତ୍ରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ବେଳେ ଅଧିକ ଉତ୍ତେଜନା ପ୍ରକାଶ ପାଇଥିଲା ଅପରାହ୍ନ ୨ଟାରୁ ରାତି ୭ଟା ପର୍ଯ୍ୟନ୍ତ ଲୋକେ ତାଙ୍କୁ ଅଟକ ରଖିଥିଲେ। ଏସ୍‌ଡ଼ିଓ ପହଞ୍ଚି ବୁଝାଶୁଝା କରି ନିମ୍ନମାନର କାମ ହୋଇଥିବା ସ୍ଥାନର ପୁନଃ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ତତ୍‌କ୍ଷଣାତ ଜେସିବି ଦ୍ୱାରା ରାସ୍ତା ତଡା ଯାଇ ସାନି କାମ କରାଯାଇଥିଲା। ଏଣିକି ରାସ୍ତା କାମରେ ପୁଣି ଅନିୟମିତତା ହେଲେ ରାଜପଥ ଅବରୋଧ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ରେଳଧାରଣା କଡ଼ରୁ ମିଳିଲା ନିଖୋଜ ବୃଦ୍ଧାଙ୍କ ମୃତଦେହ

**ବନ୍ତ,୬।୧(ସ୍ୱ.ପ୍ର./ଡି.ଏନ.ଏ.):** ଭଦ୍ରକ ଗ୍ରାମାଞ୍ଚଳ ଥାନା ବନ୍ତ ବ୍ଲକ ଅଳଉତି ଗ୍ରାମରୁ ଗତ ୪ ଦିନ ଧରି ନିଖୋଜ ଜଣେ ବୃଦ୍ଧାଙ୍କ ମୃତଦେହ ସୋମବାର କେନ୍ଦୁଆପଦା ରେଳ ଷ୍ଟେଶନଠାରୁ କିଛି ଦୂରରେ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ପାର୍ବତୀବାଳା ଭୂୟାଁ(୭୦)। କେନ୍ଦୁଆପଦା ଫାଣ୍ଡି ଅଧିକାରୀ ବ୍ୟାସଦେବ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୦) ରୁଜୁ କରାଯାଇଛି।

ସୂଚନା ଅନୁସାରେ, ଏହି ଗ୍ରାମର ଜ୍ୟୋତ୍ସ୍ନାରାଣୀ ଭୂୟାଁ କେନ୍ଦୁଆପଦା ପଞ୍ଚାୟତ ଆମ୍ଭୋର ଗ୍ରାମରେ ତାଙ୍କ ମା’ ପାର୍ବତୀବାଳାଙ୍କ ସହିତ ରହୁଥିଲେ। ଗତ ୩ ତାରିଖ ଅପରାହ୍ନ ସାଢ଼େ ୧୨ଟାରେ ସେ ଶୋଇଥିବା ସମୟରେ ତାଙ୍କ ମା’ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ଜ୍ୟୋତ୍ସ୍ନାରାଣୀ ତାଙ୍କ ସମ୍ପର୍କୀୟ ଘରେ, ରେଲୱେ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାର୍ବତୀବାଳାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ପରେ ୫ ତାରିଖରେ କେନ୍ଦୁଆପଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ସୋମବାର ତାଙ୍କ ମା’ଙ୍କ ମୃତଦେହ କେନ୍ଦୁଆପଦା ରେଲୱେ ଷ୍ଟେଶନଠାରୁ ୩ କି.ମି. ଦୂର ରେଳ ଲାଇନ କଡ଼ରେ ପଡ଼ିଥିବା ସେ ଖବର ପାଇଥିଲେ। ତେବେ ପାର୍ବତୀବାଳାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ ବୋଲି ପୋଲିସ କହିଛି।




# ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗ: ଥାନାରେ ମାମଲା

ରୂପ୍‌ସା,୬।୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବଜାରରେ ସୋମବାର ବିଦ୍ୟୁତ ବିଭାଗ ଜେଇ ଗୌରୀଶଙ୍କର ବାଗଙ୍କୁ ସ୍ଥାନୀୟ ଉପଭୋକ୍ତା ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ବସ୍ତା ଥାନା ପୋଲିସ ଏକ ମାମଲା (ନଂ. ୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଏକ ଟିମ୍ ସହ ଜେଇ ବାଗ ଶ୍ରୀରାମପୁର ପଞ୍ଚାୟତକୁ ଅଫିସ କାର୍ଯ୍ୟରେ ଯାଇଥିଲେ। କ୍ଷୀରଂ ଗ୍ରାମର ଜଣେ ଉପଭୋକ୍ତା ବିଦ୍ୟୁତ ଖୁଣ୍ଟିରୁ ବେଆଇନ ବିଦ୍ୟୁତ ସଂଯୋଗ କରିଥିବା ଦେଖି ସେ ମୋବାଇଲରେ ଚିତ୍ର ଉତ୍ତୋଳନ କରି ଫେରୁଥିଲେ। ସମ୍ପୃକ୍ତ ଉପଭୋକ୍ତା ଓ ତାଙ୍କ ପୁଅ ହଳଦୀପାଳ ବଜାରରେ ଜେଇ ବାଗଙ୍କୁ ଅଟକାଇ ଗାଳିଗୁଲଜ ସହ ଧମକଚମକ ଦେଇ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

